Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 339
Wednesday, 18 February 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୧୮ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୨୦୩୬ସୁଦ୍ଧା ଓଡ଼ିଶା ଅର୍ଥନୀତି ୫ଶହ ବିଲିୟନ୍ ଡଲାର : ରାଜ୍ୟପାଳ

ଭୁବନେଶ୍ୱର, ୧୭/୨ (ଆ.ପ୍ର) : ଆଜିଠାରୁ ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବା ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି । ଚୁଇଟି ପର୍ଯ୍ୟାୟରେ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୮ଟି କାର୍ଯ୍ୟ ଦିବସ ରହିଛି । ତେବେ ରାଜ୍ୟପାଳ ହରିବାବୁ କମ୍ଭମପାତିଙ୍କ ଅଭିଭାଷଣରୁ ଆଜି ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଏହା ଫେବୃଆରି ୨୪ ଯାଏଁ ଚାଲିବ । ଫେବୃଆରି ୨୦ରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ । ତେବେ ରାଜ୍ୟପାଳ ଆଜି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟରୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା । ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ କମାଇବା, ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ଆୟୁ ସୀମାକୁ ୮୦ରୁ ଅଧିକ କରିବା ପାଇଁ ଟାର୍ଗେଟ ରଖାଯାଇଛି । ସେହିପରି ସୁଲଭ୍ରା ଶକ୍ତି ମେଳା ୨୦୨୫ରେ ୮.୮୯ କୋଟି ଟଙ୍କା ରୋଜଗାର ହୋଇଥିବା ବେଳେ ୯୧୮ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି । ସେହିଭଳି ନଭେମ୍ବର ୨୦୨୫ରେ ଏହାର ଦ୍ୱିତୀୟ ସଂସ୍କରଣରେ ୧୨ କୋଟି ଟଙ୍କା ରୋଜଗାର ହୋଇଥିବାବେଳେ ୩୨୮ ଲକ୍ଷପତି ଦିଦି ଓ ୧୦ ଜଣ ମହାଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି । ରାଜ୍ୟପାଳ କହିଛନ୍ତି ଯେ ମୋ ସରକାର, ପୂର୍ବ ସମସ୍ତ ରେକର୍ଡକୁ ଅତିକ୍ରମ କରି,

୨୦୨୫-୨୫ରେ ୧୫୦.୪୮ ଲକ୍ଷ ମେଟ୍ରିକ୍ ଟନ୍ ଫସଲ ଉତ୍ପାଦନ ହାସଲ କରିଛି, ଯାହାକି ୨୦୦୦-୦୧ରେ ରେକର୍ଡ ହୋଇଥିବା ୫୫.୩୫ ଲକ୍ଷ ମେଟ୍ରିକ୍ ଟନ୍ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ । ସେହିପରି ଜାତୀୟ ମନମୁକ୍ତ ଚ୍ୟାଗ ପାଇଁ ୭୪୩ରୁ ଅଧିକ ଗୋଷ୍ଠୀ ଶୌଚାଳୟ କରାଯାଇ ନିର୍ମାଣ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷର ଡିସେମ୍ବର ୨୦୧୫ ସୁଦ୍ଧା ୯.୬୫ ଗ୍ରାମକୁ ଓଡ଼ିଏଫ ପ୍ଲସ ଏବଂ ୪୪୮୨୨ ରୁ ଅଧିକ ଗ୍ରାମକୁ ଆଦର୍ଶ ଗ୍ରାମ ଘୋଷଣା କରାଯାଇଛି । ସେହିପରି ୨୦୭ଟି ବୃହତ ପାଇପ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ବର୍ତମାନ ସୁଦ୍ଧା ୨୬ଟି ସମ୍ପୂର୍ଣ୍ଣ ହୋଇଛି, ୧୮୧ ଟି ନିର୍ମାଣଧୀନ ରହିଛି, ଅନ୍ୟ ୧୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏସପର୍ଯ୍ୟନ୍ତ ପ୍ରାୟ ୩.୧୨ ଲକ୍ଷ ହିତାଧିକାରୀଙ୍କ ଇ-କେୱାଇସି ଅର୍ଥାତ ପ୍ରାୟ ୯୬% ସଫଳତାର ସହ ସମାପ୍ତ ହୋଇଛି । ନୂତନ ରାସନ କାର୍ଡ ପାଇଁ ରାଜ୍ୟରେ ୧୫ ଲକ୍ଷ ଆବେଦନ ଗ୍ରହଣ କରାଯାଇଛି । ଏସପର୍ଯ୍ୟନ୍ତ ୩.୨୩ ଲକ୍ଷ ଯୋଗ୍ୟ ପରିବାରର ୬.୪୦ ଲକ୍ଷ ନୂତନ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷକୁ ଆସୁଥିବା ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି । ୧ ଜୁନ୍, ୨୦୨୪ରୁ ୧୫ ଡିସେମ୍ବର ୨୦୨୫ ମଧ୍ୟରେ ୧୩୩୫୮ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୧୨୫୯୨ଟିର ସମାଧାନ କରାଯାଇଛି । ଯାହା କି ୯୪% । ସମ୍ବଲପୁରରେ ଗୋଟିଏ ଅଭିଯୋଗ ଶୁଣାଣି ସମେତ ୧୫ ଡିସେମ୍ବର ୨୦୨୫ ସୁଦ୍ଧା ୧୫ଟି ଅଭିଯୋଗ ଶୁଣାଣି ହୋଇଛି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ୧ ଲକ୍ଷ ୮୮ ହଜାର ପକ୍ଷା ଘର ନିର୍ମାଣ କରିଛନ୍ତି ରାଜ୍ୟ ସରକାର । ସେହିପରି ଅନ୍ତଦୋୟ ଚୁଇ ଯୋଜନାରେ ୩୩ ହଜାର ୯ଟି ପକ୍କା ଘର ନିର୍ମାଣ ହୋଇଛି । ରାଜ୍ୟପାଳ କହିଛନ୍ତି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ରାଜ୍ୟ ମାସିକ ୧.୮୮ ଲକ୍ଷ ମେଟ୍ରିକ ଟନ ଚାଉଳ ଜୋଗାଇ ପାରୁଛି । ଗାଳ୍ପାରା ୧୧୭୨୫ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୨.୯୧ ଲକ୍ଷ ପ୍ରଥମିକ ପରିବାର ହିତାଧିକାରୀ, ୧୨.୩୬ ଲକ୍ଷ ପରିବାରକୁ ଅନ୍ତୋଦୟ ଯୋଜନାରେ ବଣ୍ଟନ କରାଯାଇଛି । ଏହା ବାଦ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୧.୧୫ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରି ୫ କିଲୋଗ୍ରାମ ଚାଉଳ ପ୍ରଦାନ କରୁଛନ୍ତି । ପିଏମ କିସାନ ଓ ପିଏମ କିସାନ ମାଧ୍ୟମରେ ପ୍ରତିବର୍ଷ ତିନୋଟି ସମାନ କିସ୍ତିରେ ୬୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି । ୧୯ ନଭେମ୍ବର ୨୦୨୫ରେ ପ୍ରଦାନ କରାଯାଇଥିବା ୨୧ ତମ କିସ୍ତିରେ ୩.୧୩ ଲକ୍ଷ ହିତାଧିକାରୀ ସହାୟତା ପାଇଥିବାବେଳେ ସିଏମ କିସାନରେ ୨୯୯୧ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରାଯାଇଛି । ଫଳରେ ୩୨୩୭ ଜଣ PVTG ଚାଷୀ ଏବଂ ୩୧୬୫୫ ଜଣ ସହରାଞ୍ চଳ ଚାଷୀ ସମେତ ୫୧.୫୪ ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି ।

ବିଶ୍ୱର ଶ୍ରେଷ୍ଠ ୩ଟି ଏଆଇ ସୁପରପାୱାର ମଧ୍ୟରେ ଭାରତ ଗୋଟିଏ ହେବା ଉଚିତ

ନୂଆଦିଲ୍ଲୀ, ୧୭/୨(ନ୍ୟୁ.ଏ): ନୂଆଦିଲ୍ଲୀରେ ଆୟୋଜିତ ହେଉଛି ଏଆଇ –ଇଣ୍ଡିଆ ଇମ୍ପାକ୍ଟ ସମ୍ମିଳନୀ । ଏଠାରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ଆଜଟି କ୍ଷେତ୍ରରେ ଏଆଇର ଭୂମିକା ଉପରେ ଜୋର ଦେଇଛନ୍ତି । ସେ କହିଥିଲେ – ଏଆଇ ଭାରତର ଆଜଟି ସେକ୍ଟରକୁ ନଷ୍ଟ କରୁ ନାହିଁ , ବରଂ ଏହାକୁ ସଂପୂର୍ଣ୍ଣ ରୂପେ ବଦଳାଇଛି । ଏଆଇକୁ ଏକ ଏନେବଳର ଭାବେ ଦେଖିବା ଉଚିତ, ଯାହାକି ନୂଆ

ପିଢ଼ିର ଆଇଟିସେବାସିଂ ଓ ଡୋମେନ-ସ୍ପେସିଫିକ୍ ଅଟୋମେସନର ମାଧ୍ୟମରେ ବିକାଶକୁ ବଢାଇବ । ନ୍ୟୁକ୍ଲ ଏଜେନ୍ସି ଏଏନଆରକୁ ଦେଇଥିବା ସାକ୍ଷାତକାରରେ ପିଏମ ମୋଦି କହିଥିଲେ – ଏଆଇ – ପରିଚାଳିତ ପରିବର୍ତନ କାରଣରୁ ଭାରତର ଆଜଟି ସେକ୍ଟର ୨୦୩୦ ସୁଦ୍ଧା ୪୦୦ ବିଲିୟନ ଡଲାରରେ ପହଂଚି ପାରେ । ଏହି ସେକ୍ଟର ପୂର୍ବରୁ ହିଁ ସେବା ରପ୍ତାନୀର ଦୃଢ ଆଧାର ପାଲିଟିଛି । ଏବେ ଏଆଇ ସହ ଏହି ଉତ୍ପାଦ , ପ୍ଲାଟଫର୍ମ ଓ ସମାଧାନର ନିର୍ମାଣରେ ମଧ୍ୟ ଆଗକୁ ଯାଇପାରେ । ପିଏମ୍ ମୋଦି କହିଛନ୍ତି ଯେ, ଭାରତକୁ ତୁଳିଆର ଟପ୍ ତିନୋଟି ଏଆଇ ସୁପରପାୱାର ମଧ୍ୟରୁ ଗୋଟିଏ ହେବା ଉଚିତ୍ । ସରକାର ଇଣ୍ଡିଆ ଏଆଇ ମିଶନର ମାଧ୍ୟମରେ ଦୃଢ ସରୋଜ ଏଆଇ ଇକୋସିଷ୍ଟମ ବିକଶିତ କରିବାର ବ୍ୟାପକ ରଣନୀତି ଆପଣାଇଛି । ଏହି ମିଶନ ଅନୁସାରେ ଜିପିୟୁର ସଂଖ୍ୟା ଲକ୍ଷ୍ୟରୁ ଅଧିକ ହୋଇ ସାରିଛି ଏବଂ ଏବେ ଆହୁରି ୨୦ହଜାର ଜିପିୟୁ ଯୋଡ଼ା ଯାଉଛି, ଯେଉଁଥିରେ ମୋଟ ୩୮ ହଜାରରୁ ଅଧିକ ହୋଇଯିବ । ଉଚ୍ଚ ସ୍ତରୀୟ ଜିପିୟୁ ଏବେ ମାତ୍ର ୬୫ ଟଙ୍କା ପ୍ରତି ଘଂଟାର ମୂଲ୍ୟରେ ଭଡେକ୍ଷ, ଯାହା ଗ୍ଲୋବାଲ ଆଭରେଜ୍ ଠାରୁ ଏକ ତୃତୀୟାଂଶ କମ୍ । ସ୍ୱାସ୍ଥ୍ୟ , କୃଷି, ଶିକ୍ଷା ଓ ସଂଷ୍ଠେନେବଲ ସିଟିକୁ ଚାରୋଟି ସେଂଟର ଅଫ୍ ଏକ୍ସିଲେନ୍ସ ସ୍ଥାପି ପାଇଁ ପାଂଚୋଟି ନ୍ୟାଶନାଲ ସେଂଟର୍ସ ସ୍ଥାପିତ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି , ଆଗାମୀ ପର୍ଯ୍ୟାୟ ଏଆଇର ଡିଜାଇନ , ରିସର୍ଚ ଓ ଡେଭଲପମେଂଟ ଉପରେ କେନ୍ଦ୍ରିଭୂତ ହେବ, ଯାହାକି ଭାରତର ଆବଶ୍ୟକତା ଅନୁସାରେ ପ୍ରସ୍ତୁତ ହୋଇପାରିବ । ଏଆଇ ସହ ଜଡ଼ିତ ୨୦୦ ବିଲିୟନ ଡଲାରରୁ ଅଧିକ ହେବାର ସମ୍ଭାବନା ଅଛି । ପିଏମ୍ ମୋଦି ଏଆଇରେ ପୂର୍ବଗ୍ରହଣ ପ୍ରସଙ୍ଗ ଉପରେ ମଧ୍ୟ ଗୁରୁତ୍ୱ ଦିଆ ବ୍ୟକ୍ତ କରିଛନ୍ତି ଏବଂ ବିଶ୍ୱସ୍ତରୀୟ ସହଯୋଗର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି । ସେ କହିଛନ୍ତି ଯେ, ଏଆଇ ସିଷ୍ଟମ ଲିଙ୍ଗ, ଭାଷା ଓ ସାମାଜିକ –ଆର୍ଥିକ ପୃଷ୍ଠଭୂମି ସହ ଜଡ଼ିତ ପୂର୍ବାଗ୍ରହ ଗୁଡ଼ିକୁ ପ୍ରତିବିମ୍ବିତ କରିପାରେ । ପ୍ରାୟତ ପ୍ରସଙ୍ଗରେ ଏହି ପକ୍ଷପାତ ଗୁଡ଼ିକ ସ୍ପଷ୍ଟ ହୋଇ ନପାରେ , ତଥାପି ଭାରତର ଭାଷାଗତ , ସାଂସ୍କୃତିକ ଓ ଆଂଚଳିକ ବିବିଧତା ଯୋଗୁଁ ଏସୁଡ଼ିକ ଭିନ୍ନ ଭାବେ ପ୍ରକାଶିତ ହୋଇପାରେ । ମୁଖ୍ୟତଃ ଇଂରାଜୀ କିମ୍ବା ସହରୀ ଡାଟା ଉପରେ ପ୍ରଶିକ୍ଷିତ ଏଆଇ ମଡେଲ ଗ୍ରାମୀଣ ଉପଭୋକ୍ତା କିମ୍ବା ଆଂଚଳିକ ଭାଷା କହୁଥିବା ଲୋକଙ୍କ ପାଇଁ ପ୍ରଭାବଶାଳୀ ହୋଇ ନପାରେ ।

ହିନ୍ଦୁ ମାନେ ୩ଟି ସନ୍ତାନ ଜନ୍ମ କରିବା ଉଚିତ୍ : ମୋହନ ଭାଗବତ

ନୂଆଦିଲ୍ଲୀ , ୧୭/୨(ନ୍ୟୁ.ଏ): ମଙ୍ଗଳବାର ଲଖ୍ନୌରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଏକ ବଡ ବୟାନ ଦେଇଛନ୍ତି । ସେ ଭାରତୀୟ ମୁସଲମାନ ମାନଙ୍କୁ ବେଗାଲଙ୍କ ଘରକୁ ଫେରିବା ଏବଂ ହିନ୍ଦୁ ମାନଙ୍କୁ ତିନୋଟି ସନ୍ତାନ ଜନ୍ମ କରିବା ପାଇଁ ଆହ୍ୱାନ କରିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ, ଯୁକ୍ତିସି ନିୟମ କାହା ବିରୁଦ୍ଧରେ ନୁହେଁ । ମୋହନ ଭାଗବତ ଲଖ୍ନୌର ନିରାଳା ନଗରର ସରସ୍ୱତୀ ଶିଶୁ ମନ୍ଦିରରେ ଏକ ସାମାଜିକ ସମନ୍ୱୟ ବୈଠକରେ ଭାଷଣ ଦେଇଥିଲେ । ସେ ହିନ୍ଦୁ ସମାଜକୁ ସଂଗଠିତ ଏବଂ ସଶକ୍ତ କରିବା ପାଇଁ ତାଙ୍କର ପ୍ରତିବନ୍ଧତାକୁ ଦୋହରାଇଥିଲେ । ସେ ଏହା ମଧ୍ୟ କହିଛନ୍ତି ଯେ, ଆମେ କାହା ଠାରୁ ବିପଦରେ ନାହୁଁ, କିନ୍ତୁ ଆମକୁ ସତର୍କ ରହିବାକୁ ପଡିବ । ସେ କହିଛନ୍ତି ଯେ, ହିନ୍ଦୁ ଜନସଂଖ୍ୟା ହ୍ରାସ ଚିନ୍ତାର ବିଷୟ । ସେ ବଳପୂର୍ବକ ଏବଂ ଧର୍ମାନ୍ତରୀକରଣ ବନ୍ଦ କରିବାକୁ ମଧ୍ୟ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ, ସେମାନଙ୍କ ଘରକୁ ଫେରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଉଚିତ । ସେ ଅନୁପ୍ରବେଶ ବିଷୟରେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଅନୁପ୍ରବେଶକାରୀଙ୍କୁ ଚିହ୍ନିବ, ନିପାତ ଏବଂ ଦେଶାନ୍ତର କରାଯିବା ଉଚିତ । ସେମାନଙ୍କୁ ନିମୁକ୍ତି ଦିଆଯିବା ଉଚିତ ନୁହେଁ । ହିନ୍ଦୁ ମାନଙ୍କର ଅତି କମରେ ତିନୋଟି ସନ୍ତାନ ହେବା ଉଚିତ । ଏହା ବ୍ୟତୀତ, ବୈଜ୍ଞାନିକ ମାନଙ୍କ ଲାଭୁଡ଼ି ଦେଇ ସେ କହିଛନ୍ତି ଯେ, ହାରାହାରି ତିନୋଟି ସନ୍ତାନ ଥିବା ସମାଜ ଭବିଷ୍ୟତରେ ନଷ୍ଟ ହୋଇଯିବ ।

ବାଂଲାଦେଶରେ ତାରିକ୍ ଯୁଗ ଆରମ୍ଭ

ଢାକା, ୧୭/୨(ନ୍ୟୁ.ଏ): ମଙ୍ଗଳବାର ବାଂଲାଦେଶ ରାଜନୀତିରେ ଏକ ନୂତନ ଅଧ୍ୟାୟ ଯୋଡା ହୋଇଛି । ଦୀର୍ଘଦିନର ରାଜନୈତିକ ଅସ୍ଥିରତା ଓ ଅନିଶ୍ଚିତତା ପରେ, ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ମୁଖ୍ୟ ତାରିକ ରହମାନ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ସମାରୋହ ଢାକାର ସଂସଦ ସଂକଳନର ବଣ୍ଡାଲି ପ୍ଲାଜାରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ନିର୍ବାଚନ କମିସନର ଏଏମଏମ ନାସିର ଉଦ୍ଦିନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଶପଥ ଗ୍ରହଣ ଉତ୍ସବରେ ଆହୁରି ଅନେକ ନେତା ମଧ୍ୟ ମନ୍ତ୍ରୀ ଭାବରେ ଶପଥ ନେଇଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତାଙ୍କ ମନ୍ତ୍ରିମଣ୍ଡଳରେ ବୁଦ୍ଧଜଣ ହିନ୍ଦୁ ନେତାଙ୍କୁ ସାମିଲ କରାଯାଇଛି । ନିତାଇ ରାୟ ଚୌଧୁରୀ ଓ ଦୀପେନ ଦିୱାନ ତରମାଙ୍କୁ ତାରିକ ସରକାରରେ ମନ୍ତ୍ରୀ ଭାବରେ ନିମୁକ୍ତ କରାଯାଇଛି । ତାରିକ ରହମାନଙ୍କ କ୍ଷମତା ଗ୍ରହଣ ଅନେକ ଦୃଷ୍ଟିରୁ ଐତିହାସିକ । ୩୬ ବର୍ଷର ବ୍ୟବଧାନ ପରେ ବାଂଲାଦେଶରେ ଜଣେ ପୁରୁଷ ପ୍ରଧାନମନ୍ତ୍ରୀ ଆସିଛି । ଏହା ପୂର୍ବରୁ, ଶେଖ ହସିନା ଏବଂ ଖାଲିଦା ଜିଆ ବଦଳି ଧରି କ୍ଷମତାରେ ଥିଲେ । ତାରିକ୍ ରହମାନ ନିଜେ ୧୭ ବର୍ଷର ନିର୍ବାସନ ପରେ ସ୍ୱଦେଶ ଫେରି ତାଙ୍କ ଦଳକୁ ଏକ ବଡ଼ ବିଜୟ ହାସଲ କରାଇଥିଲେ । ଫେବୃଆରି ୧୨ ରେ ଅନୁଷ୍ଠିତ ଜାତୀୟ ନିର୍ବାଚନରେ, ବିଏନ୍‌ପି ନେତୃତ୍ୱାଧୀନ ମୋଟେ ୨୯୭ଆସନରୁ ୨୧୧ ଆସନ ଜିତି ଏକ ବଡ଼ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା । ଭାରତର ଉପସ୍ଥିତି ଓ ବିଶ୍ୱ ବାର୍ତ୍ତା ଏହି ଐତିହାସିକ

ମୁହূର୍ତ୍ତର ସାକ୍ଷୀ ହେବା ପାଇଁ ଅନେକ ବେଶର ପ୍ରତିନିଧି ଢାକାରେ ପହଂଚିଥିଲେ । ଭାରତର ଲୋକସଭା ବାଚସ୍ପତି ଓମ୍ ବିର୍ଲା ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ସ୍ୱତନ୍ତ୍ର ଭାବରେ ଢାକାରେ ପହଂଚିଥିଲେ, ଯାହା ନୂତନ ସରକାରଙ୍କ ସହିତ ସମ୍ପର୍କ ପ୍ରତି ନୂଆବିଲ୍ଲାର ସକାରାତ୍ମକ ମନୋଭାବକୁ ସୂଚିତ କରିଥିଲା । ଭୁଟାନ ପ୍ରଧାନମନ୍ତ୍ରୀ ଶେରିଂ ତୋବଗେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେ ସଫଳ ନିର୍ବାଚନ ପାଇଁ ଜଙ୍ଗ୍ରେ ମହମ୍ମଦ ୟୁନୁସଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ତାଙ୍କୁ କୋଟିଥିଲେ । ଏହି ନିର୍ବାଚନ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଦଳ, ଆୱାମୀ ଲିଗ୍ ବିନା ଲଢ଼ାଯାଇଥିଲା , କାରଣ ଏହାକୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଦିଆ ଯାଇନଥିଲା । ବିଏନପିର ବିପୁଳ ବିଜୟ ଏବଂ ତାରିକ ରହମାନଙ୍କ ନେତୃତ୍ୱ ସହିତ, ବାଂଲାଦେଶ ଏବେ ଏକ ନୂତନ ଦିଗରେ ଆଗେଇ ଚାଲିଛି, ଯେଉଁଠାରେ ଆର୍ଥିକ ସ୍ଥିରତା ଏବଂ ଆନ୍ତର୍ଜାତୀୟ ସମ୍ପର୍କକୁ ପୁନଃପ୍ରତିଷ୍ଠିତ କରିବା ଏହାର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ । ବାଂଲାଦେଶରେ ତାରିକ ରହମାନଙ୍କ ନୂତନ ସରକାର ଗଠନ ହୋଇଛି । ବିଏନ୍‌ପି ତାରିକ କ୍ୟାବିନେଟରେ ୪୯ ଜଣ ମନ୍ତ୍ରୀଙ୍କୁ ସାମିଲ କରିଛି । ଏମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ କ୍ୟାବିନେଟ ମନ୍ତ୍ରୀ ଏବଂ ୨୪ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ମାନ୍ୟତା ଦିଆଯାଇଛି । ତାରିକ କ୍ୟାବିନେଟରେ ଏକ ଆଶ୍ଚର୍ଯ୍ୟଜନକ ନାମ ହେଉଛି ଖାଲିଲୁର ରହମାନ, ଯିଏ ମଧ୍ୟବର୍ତୀକାଳୀନ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ।

ଭାରତକୁ ଜ୍ଞାନର ମହାଶକ୍ତି କରିବ ଏଆଇ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ , ୧୭/୨(ନ୍ୟୁ.ଏ): ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ବୈଷୟିକ ଶକ୍ତି ଭାବେ ଉଭା ହେଉଛି । ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ) ଏହି ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେଉଛି । ମଙ୍ଗଳବାର ନୂଆଦିଲ୍ଲୀରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬' ରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ 'ଫୁସିଂ ଦ ଫ୍ରଂଟିୟର୍ ଅଫ୍ ଏଆଇ ଇନ୍ ଇଣ୍ଡିଆ' ଶୀର୍ଷକ ସୂତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ସମ୍ମିଳନୀ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ

ଦୂରଦର୍ଶୀ ପଦକ୍ଷେପ । ଯାହା ଭାରତରେ ଏଆଇର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି । ସମଗ୍ର ବିଶ୍ୱ ଆଜି ଭାରତର ଦ୍ରୁତ ଏଆଇର ବ୍ୟବହାରକୁ ଲକ୍ଷ୍ୟ କରୁଛି । ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନ କରିବା ଏବଂ ଭାରତକୁ ବିଶ୍ୱର ଜ୍ଞାନର ମହାଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ । ଭାରତୀୟ ସୁବିଧାଜନକ ନିଆଯାଉ ପ୍ରୟାସ ହିଁ ବିଶ୍ୱ ଏଆଇ ମାନଚିତ୍ରରେ ଭାରତକୁ ଏକ ଅତ୍ୟନ୍ତିକ୍ଦ୍ଧା ଶକ୍ତି ଭାବେ ଉଭା କରିବ । ଜାତୀୟ ଶିକ୍ଷା ନୀତି ୨୦୨୦ ର ଦୂରଦୃଷ୍ଟି ଏବଂ 'ବିକଶିତ ଭାରତ ୨୦୪୭' ର ଜାତୀୟ ଲକ୍ଷ୍ୟ ସହିତ ସମାନତା ରଖି ସମଗ୍ର ଶିକ୍ଷା ବ୍ୟବସ୍ଥାରେ ଏଆଇକୁ ଏକୀକୃତ କରିବା ପାଇଁ ମନ୍ତ୍ରଣାଳୟର ଏହା ଏକ ପ୍ରୟାସ । ଗତ ଏକ ବର୍ଷଧରି ମଧ୍ୟରେ, ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ଡିଜିଟାଲ୍ ପ୍ଲାଟଫର୍ମ, ନୀତିଗତ ଢାଂଚା, ସାଂସ୍କୃତିକ ସଂସ୍କାର ଏବଂ ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ଏବଂ ଅତ୍ୟାଧୁନିକ ଅନୁସନ୍ଧାନ ଓ ନବସୃଜନ କ୍ଷେତ୍ରରେ ଏଆଇ- ସମର୍ଥ ଶିକ୍ଷା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଛି

ସେଠୋ ଆରମ୍ଭ
SETHO ARAMBHA

ବୁଧବାର, ୧୮ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ବଣାଇଁ, ୧୭/୨ (ଆ.ପ୍ର) :ବଣାଇ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କର ବିଦାୟୀ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ସାହୁ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ବିଦାଦର୍ଶନ ଦେବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କାମନା କରିଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛାତ୍ର ଛାତ୍ରୀ ମାନଙ୍କର ବିଦ୍ୟାଳୟ ପ୍ରତି ଆଗ୍ରହକୁ ପ୍ରକାଶ କରି ଭବିଷ୍ୟତରେ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମାନସୀ ପେଣ୍ଡେଙ୍ଗ, ଅମ୍ବିକା ମହାରଣା, ସୁଜାତା ମହାନ୍ତି, ବସନ୍ତ ମଞ୍ଜରୀ ପ୍ରଧାନ, ଶିକ୍ଷକ ଚନ୍ଦ୍ର ଶେଖର ପାତ୍ର, ନାଡିଶ କୁମାର ମହାନ୍ତ, ଉମେଶ ଚନ୍ଦ୍ର ପ୍ରଧାନ, ରଞ୍ଜୁ ଜିନ ମିଞ୍ଜ, ଯଜ୍ଞ ଚାନ୍ଦ ଓଝା, ଜୟରାମ ମାହାନ୍ତ, ଦେବାଶିଷ

ଶୀର୍ଷକ
ଆରମ୍ଭ
SEITHO ARAMBHA
ବୁଧବାର, ୧୮ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଠିକାଦାର ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ବାଲିଆପାଳ, ୧୭/୦୨ (ଆ.ପ୍ର) : ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବ ଯୋଗୁଁ ରାଜ୍ୟ, ଜିଲ୍ଲା, ବ୍ଲକରେ ଥିବା ଠିକାଦାର ସଂଘ ପକ୍ଷରୁ ଫେବୃଆରୀ ୨୦ ତାରିଖରେ ହେବାକୁ ଥିବା ଭୁବନେଶ୍ୱର ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ସୋମବାର ବାଲିଆପାଳ ଜୋନ ଠିକାଦାର ସଂଘ ପକ୍ଷରୁ ପୂର୍ବବିଜୁଲା ଡାକବଙ୍ଗଳା ଠାରେ ଆନ୍ଦୋଳନକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁସାରେ ବିଜେଡି ସରକାର ଥିବା ସମୟରେ ୨୦୧୯ ମସିହାରେ ରୟାଲଟିର ସଂଶୋଧନ ପାଇଁ ଠିକାଦାର ସଂଘ ପକ୍ଷରୁ ରାଜ୍ୟ ବ୍ୟାପୀ ୧୦ ଦଫା ଦାବି ନେଇ ଆନ୍ଦୋଳନ ତୀବ୍ର କରାଯାଇଥିଲା । ଜନୁଆରୁ ସରକାର ଗୋଟିଏ ଦାବି ଦାବି ଦିନ ପରେ ପୂରଣ କରିଥିବା ବେଳେ ଅନ୍ୟ ଦାବି ଗୁଡିକ ଲୁଚ୍ଛେପ କରିନଥିଲେ । ବିଜେପି ସରକାର ଆସିବା ପରେ ୩/୧/୨୦୨୬ ରେ ନଟିଫିକେସନ କରିଆରେ ୧୪.୯୯ ପରସେଂଟ ରହିଥିବା ଧାର୍ଯ୍ୟକୁ ସରକାର ଉଛେଦ କରିଛନ୍ତି । ଯାହା ଫଳରେ ଠିକାଦାର ମାନେ ବହୁ ଲସରେ କାମ ପାଇବେ । ଏହା ଫଳରେ କାର୍ଯ୍ୟର ଗୁଣାତ୍ମକ ମାନ କମିବା ସହିତ ନିମ୍ନ ମାନର ହେବ ଏଥିରେ ସନ୍ଦେହ ନାହିଁ । ସରକାର ଜାରି କରିଥିବା ନୋଟିଫିକେସନକୁ ଉଛେଦ କରନ୍ତୁ ଏବଂ ସର୍ବନିମ୍ନ ଲେସ କୁ ଧାର୍ଯ୍ୟ କରାଯିବା ସହିତ ଅନ୍ୟ ବାକି ଗୁଡିକ ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେବେ। ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଜିଲ୍ଲା ଠିକାଦାର ସଂଘର ସଦ୍ୟ ସମ୍ପାଦକ ଅଦ୍ୱୈତ କୁମାର ଖୁଣ୍ଟିଆ, ସଂଘର କୁମାର ଦେ, ବାଲିଆପାଳ ବ୍ଲକ ଠିକାଦାର ସଂଘର ସଭାପତି ପ୍ରଫୁଲ୍ଲ କୁମାର ସାହୁ,ସହ ସମ୍ପାଦକ ଦିଲ୍ଲୀପ କୁମାର ଜେନା, ସଜ୍ଜିୟ ସଦସ୍ୟ ବୁର୍ଯ୍ୟୋଧ କୁମାର ନାୟକ, ରାଜେଶ କୁମାର ଦେ, ଗଣେଶ ମହାପାତ୍ର, ଯଦୁନାଥ ସାହୁ ,ଗଗନ ବିହାରୀ ସାହୁ, ଲୋଚନୀଧ ସାହୁ ପ୍ରମୁଖ ଯୋଗଦେଇ ଥିଲେ ।

ହିରୋହୁଣ୍ଡା -ହୁଣ୍ଡାୟୁନିକନ ମୁହାଁମୁହିଁ ଧକ୍କା ଦୁଇ ବାଇକ୍ ଆରୋହୀ ଗୁରୁତର

ନୀଳଗିରି, ୧୭/୦୨ (ଆ.ପ୍ର) : ମଙ୍ଗଳବାର ଦିନ ପ୍ରାୟ ୧୦ଘଟିକା ସମୟରେ କରଣପୁର ଛାଲୁକାଶୁଣି ରାସ୍ତାର ପାଣିଟାଙ୍କି ପାଖରେ ବାଇକ୍ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାଫଳରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇପଡିଥିବାର ଜଣାଯାଇଛି । ବିବରଣୀରୁ ପ୍ରକାଶ ବରଦନପୁର ଅଂଚଳର ଗଙ୍ଗାଧର ଚୌଧୁରୀ ଏକ ହୀରୋହୁଣ୍ଡା ବାଇକ୍ ଯାହାର ନମ୍ବର ଓ ଆର୍ ୦୨ ଏ ଆର୍ ୫୩୫୫ ଯୋଗେ ବିମ୍ବୁଲିଆ ହାଇସ୍କୁଲକୁ ଯାଉଥିବାବେଳେ ନରଣପୁର ପାଣିଟାଙ୍କି ନିକଟରେ ବିପରୀତ ଦିଗରୁ ବେଢେଙ୍କଟା ମେଡିକାଲରେ ମୃତ ବଡ ନାମକ କର୍ମଚାରୀ ଏକ ହୁଣ୍ଡାୟୁନିକନ୍ ବାଇକ୍ ନମ୍ବର ଓ ଡି-୦୧ ଏ ଡି ୯୭୬୦ ଯୋଗେ ବରହମପୁରକୁ ଯାଉଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଦୁଇ ବାଇକଆରୋହୀ ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ । ଗଙ୍ଗାଧର ଚୌଧୁରୀଙ୍କର ଡାହାଣଗୋଡ଼ ଭାଙ୍ଗିଯାଇଥିବା ଅନୁମାନ କରାଯାଇଥିବା ବେଳେ ବେହୁ, ମୁଣ୍ଡରେ ଗଭୀର ଆଘାତ ଲାଗିଛି ।ଅନ୍ୟପଟେ ମୃତ ବଡକ ମୁଣ୍ଡରେ ଗଭୀର ଆଘାତଲାଗିବା ସହିତ ଦେହରେ ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି । ସ୍ଥାନୀୟଲୋକ ଘଟଣାସ୍ଥଳରେ ପହଂଚି ଦୁଇ ବାଇକ୍ ଆରୋହୀଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ପଠାଇଥିଲେ । ସ୍ୱାସ୍ଥ୍ୟସେବା ସଂକଟାପନ୍ନ ହେବାରୁ ଦୁଇ ଜଣଙ୍କୁ ବାଲେଶ୍ୱର ଡ଼ାକ୍ତରଖାନାକୁ ପଠା ଯାଇଥିବାର ସୂଚନା ମିଳିଛି । ସୂଚନା ଥାଉଜି ବାଇକ୍ ଆରୋହୀ ଦୁଇଜଣ ବରଦମପୁର ଅଂଚଳର ହୋଇଥିବା ବେଳେ ଉଭୟ ସରକାରୀ ଚାକିରୀ କରିଥିବାର ଜଣାପଡ଼ିଛି ।

ନୀଳଗିରି କଲେଜରେ ମନୋଜ ଦାସଙ୍କ ସାହିତ୍ୟ ଓ ବାସ୍ତବବାଦ ଉପରେ ଆଲୋଚନା ଚକ୍ର

ନୀଳଗିରି, ୧୭/୦୨ (ଆ.ପ୍ର) : ନୀଳଗିରି କଲେଜର ଇଂରାଜୀ ବିଭାଗ ପକ୍ଷରୁ "ମନୋଜ ଦାସଙ୍କ ସାହିତ୍ୟରେ ବାସ୍ତବବାଦର ବିଭିନ୍ନ ରୂପ" ଶୀର୍ଷକରେ ଏକ ବିଚାରାତ୍ମକ ପାଠ ଚକ୍ର ଆୟୋଜିତ ହୋଇ ଯାଇଛି । ଏହି ସେମିନାରରେ ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ରଚନାରେ ବାସ୍ତବବାଦର ବିଭିନ୍ନ ପାର୍ଶ୍ୱ ଉପରେ ଗଭୀର ଆଲୋଚନା କରିଥିଲେ । ଏହି ସେମିନାରରେ କଲେଜର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉତ ସଭାପତିତ୍ୱ କରିଥିଲେ । ସେ ତାଙ୍କ ଅଧ୍ୟକ୍ଷୀୟ ଅଭିଭାଷଣରେ ମନୋଜ ଦାସଙ୍କ ସାହିତ୍ୟରେ ସାମାଜିକ ଜୀବନ, ମାନବୀୟ ମୂଲ୍ୟବୋଧ ଓ ଆଧ୍ୟାତ୍ମିକତାର ସମନ୍ୱୟ ବିଷୟରେ ଉଲ୍ଲେଖ କରିଥିଲେ । ମୁଖ୍ୟ ବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଡ଼ଃ ସୁଭାଷ ଚନ୍ଦ୍ର ପାତ୍ର ଯୋଗଦେଇ ମନୋଜ ଦାସଙ୍କ କାହାଣୀରେ ବାସ୍ତବବାଦ ସହ ଆଧ୍ୟାତ୍ମିକ ଚେତନା ଓ ବର୍ଣ୍ଣନିକ ଚିତ୍ରଣରେ ବିଷୟରେ ବ୍ୟାପକ ଭାବେ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ତାଙ୍କ ରଚନା ମାନ ମାନବଜୀବନର ସତ୍ୟ ଚିତ୍ରକୁ ସୁନ୍ଦର ଭାବେ ପ୍ରତିଫଳିତ କରେ । ଆମନ୍ତ୍ରିତ ବକ୍ତା ଭାବେ ଡ଼ଃ ବଡାନ୍ତେୟ ଦାଶ, ଇଂରାଜୀ ବିଭାଗର ଅଧ୍ୟାପକ, ଡ଼ଃ ହରେକୃଷ୍ଣ ମାହତାର କଲେଜ, କୁଆରୀ, ମନୋଜ ଦାସଙ୍କ କାହାଣୀରେ ସାମାଜିକ ବାସ୍ତବତା ଓ ମାନବିକ ଅନୁଭୂତିର ସ୍ପନ୍ଦନଶୀଳ ପ୍ରକାଶ ବିଷୟରେ ତାଙ୍କ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅଙ୍କିତା ମହାନ୍ତି ମଂଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସଂସ୍କୃତ ବିଭାଗର ଅଧ୍ୟାପକ ଅଶୋକ କୁମାର ମାଝୀ ବେଦ ପାଠ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପକ ଡ଼ଃ ନଳିନୀ କାନ୍ତ ପାତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ଇଂରାଜୀ ବିଭାଗର ଅଧ୍ୟାପିକା ଡ଼ଃ ସୁଶ୍ରୀ ସ୍ମିତା ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହାପରେ ଯାଜ୍ଞେଶ୍ୱରୀ ହରିଚନ୍ଦନ "ମନୋଜ ଦାସଙ୍କ ସାହିତ୍ୟରେ ବାସ୍ତବବାଦ" ଶୀର୍ଷକରେ ତାଙ୍କ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ । ଯାହା ଉପସ୍ଥିତ ଶ୍ରୋତାମାନଙ୍କର ଆଗ୍ରହ ବଢ଼ାଇଥିଲା । ଶେଷରେ +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଧାରଣୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ । ପରବର୍ତ୍ତୀ ସମୟରେ ପାଠକ ଗୋଷ୍ଠୀ ପକ୍ଷରୁ ମନୋଜ ଦାସଙ୍କ ପ୍ରସିଦ୍ଧ ଲାଇନ୍ "ଲୁମ୍ବାଗିଲା" ଉପରେ ଏକ ପାଠ ଚକ୍ର ଓ ଆଲୋଚନା ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା । ଏହି ଅଧିବେଶନ ଛାତ୍ର/ଛାତ୍ରୀ ଓ ଅଧ୍ୟାପକମାନଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହ ଓ ଚର୍ଚ୍ଚାକୁ ଆହୁରି ସୁଦୃଢ଼ କରିଥିଲା ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରାକ୍‌ବିବାହ ପରାମର୍ଶ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ

ନୀଳଗିରି, ୧୭/୦୨ (ଆ.ପ୍ର) : ଭାରତୀୟ ମହିଳା ଆୟୋଗ, ନୂଆଦିଲ୍ଲୀଙ୍କ ପ୍ରମୁଖ କାର୍ଯ୍ୟକ୍ରମ "ତେରେ ମେରେ ସପନେ" ଅଧୀନରେ ସ୍ଥାପିତ ପ୍ରାକ୍‌ବିବାହ ପରାମର୍ଶ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବ ଫକୀରମୋହନ ବିଶ୍ୱବିଦ୍ୟାଳୟ ଠାରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟର ସହଯୋଗରେ ଏବଂ ବାଲେଶ୍ୱର ସ୍ଥିତ ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନର ଆୟୋଜନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ତାଙ୍କ ଉଦ୍‌ବୋଧନରେ ଦୃଢ଼ ଓ ସମନ୍ୱିତ ପରିବାର ଗଠନ ପାଇଁ ସଠିକ ଆଲୋଚନା, ପରସ୍ପର ବୁଝାମଣା ଓ ମୂଲ୍ୟବୋଧ ଆଧାରିତ ସମ୍ପର୍କର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଯୁବ ଦମ୍ପତିମାନଙ୍କ ମଧ୍ୟରେ ବିବାହ ପୂର୍ବ ସଚେତନତା ଓ ପରାମର୍ଶ ସେବାକୁ ସୁଦୃଢ଼ କରିବା ପାଇଁ ଏପରି କେନ୍ଦ୍ର ସ୍ଥାପନାର ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତି ଉପସ୍ଥିତ ହୋଇ କାର୍ଯ୍ୟକାରୀ ଆଲୋଚନା, ଲିଙ୍ଗ ସମ୍ବେଦନଶୀଳତା ଓ ଆଇନ ସଚେତନତାର ଭୂମିକା ବିଷୟରେ ବୋଇଥିଲା ଏବଂ ପରେ ଛାତ୍ର ?ବୋଧନ ଦେଇଥିଲେ । ସେ ବିବାହିତ ଜୀବନରେ ବିରୋଧାତ୍ମକ ମନୋଭାବକୁ ରୋକିବା ଓ ନାରୀ ସଶକ୍ତିକରଣ ପ୍ରୋତ୍ସାହନରେ ଏହାର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ମୁନ୍ନା ସାହୁ ଓ ପ୍ରତିଭା ଶତପଥୀ ମଧ୍ୟ ଅଭିଭାଷଣ ଦେଇ ବିବାହିତ ଜୀବନରେ ପରାମର୍ଶ, ସଚେତନ ନିଷ୍ପତ୍ତି ଓ ପରସ୍ପର ସମ୍ମାନର ଆବଶ୍ୟକତା ଉଲ୍ଲେଖ କରିଥିଲେ । ସେମାନେ ଯୁବପିଢ଼ୀଙ୍କୁ ନୂତନ ସ୍ଥାପିତ କେନ୍ଦ୍ରର ସେବା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ । ସ୍ୱାଗତୋକ୍ତର ପରିଚାଳକ ଅଧ୍ୟକ୍ଷ ପ୍ରଫେସର ଲାଲ୍ଟୁ ବେହେରା ଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଏପରି ସାମାଜିକ ପ୍ରୟାସର ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ । ଏଥିସହ ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପଦ୍ମିନୀ ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମ ଅବସରରେ ଏକ ପ୍ରାସୁଙ୍ଗିକ ଅଧିବେଶନ ଆୟୋଜିତ ହୋଇଥିଲା ଏବଂ ପରେ ଶିକ୍ଷାସାମଗ୍ରୀ ବଂଟନ କରାଯାଇଥିଲା । ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନର ସେକ୍ରେଟରୀ ହରିଶ ଚନ୍ଦ୍ର ରାଉତ ଓ ପ୍ରାକ୍‌ବିବାହ ପରାମର୍ଶ କେନ୍ଦ୍ରର କେନ୍ଦ୍ରପ୍ରମୁଖ ବିଜୟ କୁମାର ଆଚାର୍ଯ୍ୟ କେନ୍ଦ୍ରର ଲକ୍ଷ୍ୟ, ସେବା ଓ ପ୍ରଚାର କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମ କ୍ଷେତ୍ରରେ ଜନସଂଖ୍ୟା ଅଧ୍ୟୟନ ବିଭାଗର ସହାୟକ ପ୍ରାଧ୍ୟାପିକା ଡକ୍ଟର ଶ୍ରେୟ ବି ମୁଣ୍ଡୁଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଅବସରରେ ବାଲେଶ୍ୱରର ସାହାଦେବଖୁଂଟାରେ ସ୍ଥାପିତ ପ୍ରାକ୍‌ବିବାହ ପରାମର୍ଶ କେନ୍ଦ୍ରର ସରକାରୀ ଭାବେ ଉଦ୍‌ଘାଟନ ଘୋଷଣା କରାଯାଇଥିଲା, ଯାହା ଅଂଚଳରେ ସୁସ୍ଥ ସମ୍ପର୍କ, ସଚେତନ ବିବାହ ନିଷ୍ପତ୍ତି ଓ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉଲ୍ଲେଖ କରାଯାଇଛି ।

୭କୋଟି ଟଙ୍କାର ଗୁଡ଼ି ପୋଖରୀ - ଅଣ୍ଡରାଇ ରାସ୍ତାର ଶିଳାନ୍ୟାସ

ସିମୁଳିଆ, ୧୭/୦୨ (ଆ.ପ୍ର) : ଗୁଡ଼ି ପୋଖରୀ ଠାରୁ ଅଣ୍ଡରାଇ ପର୍ଯ୍ୟନ୍ତ ୭କୋଟି ୨ମାଳକ ୬୭ହଜାର ୩୯୧ଟଙ୍କାର ରାସ୍ତାକୁ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ଯଦୁଲୋଚନ ପଣ୍ଡା ଯୋଗଦେଇ ଶୁଭ ଶିଳାନ୍ୟାସ କରିଥିବା ଜଣାଯାଇଛି । ପରେ ଅବଜୁଣା ଫଂଚାୟତର ଗୁଡ଼ି ପୋଖରୀ ଠାରେ ସରପଂଚ ଲକ୍ଷ୍ମୀଧର ବଡକ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସମ୍ମାନିତ ଅତିଥି ଭାବେ ମହିଳା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦିକା ଭାରତୀ ମଲ୍ଲିକ, ଅଣ୍ଡରାଇ ସମିତି ସଭ୍ୟ ଗଦମ କୁମାର ମହାନ୍ତି, ବାଦଲ ପେଡା,ପୂର୍ବତନ ସରପଂଚ ବିଜୟ କୁମାର ମିଶ୍ର, ଗଗନ ବେହେରା, ରାଜ୍ଜ ବାରିକ, ଯୁବନେତା ନଟବର ମାଳୀ, ସରପଂଚ ପ୍ରତିନିଧି ଗୌତମ ପାଣିଗ୍ରାହୀ, ରମେଶ ପତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

ବାଲେଶ୍ୱରରେ ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ପାଳିତ ହେଲା ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୭/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ଅନ୍ୟତମ ସହଶିକ୍ଷା ଅନୁଷ୍ଠାନ ବଳାଙ୍ଗୀ ଡ଼ିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶାନ୍ତି ଶୃଙ୍ଖଳାରେ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡକ୍ଟର ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ ଯୋଗ ଦେଇ ସମୟର ସଦୁପଯୋଗ ଓ ପରିଶ୍ରମ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ କିପରି ସ୍ୱ ସ୍ୱ ପ୍ରତିଷ୍ଠିତ କରାଇଥାଏ, ତାହା ଅଭିଭାଷଣରେ ଉଲ୍ଲେଖ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଡକ୍ଟର ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ କହିଥିଲେ ଯେ ଆମ ବର୍ତ୍ତମାନର ଯୁବାପୀଢ଼ୀ ଅନେକ ଜ୍ଞାନ ଓ ସମ୍ପଦ ଭଣ୍ଡାରର ଚାବି ରଖିଛି । ଏହି ଚାବିକୁ ଖୋଲି ପାରିଲେ ଜୀବନ ଐଶ୍ୱର୍ଯ୍ୟ ବିମଣ୍ଡିତ ହୋଇଯାଇବ । ସମ୍ମାନିତ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କବି ବିମଳ ଜେନା ଯୋଗଦେଇ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଯେ ମାତୃଭାଷାର ପ୍ରତିଟି ଅକ୍ଷର ମାଆ ମୁହଁ ପରି ଦେଖାଯାଏ । ବସନ୍ତର ଦ୍ୟୋତକ ଯୌବନ ସମୟକୁ ମାତୃଭାଷା, ମାତୃଭୂମି ପ୍ରତି ଭାଗ୍ୟ କରିପାରିଲେ ଜୀବନ ମହନୀୟ ହୋଇଥାଏ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ତଥା ଶିକ୍ଷାବିତ ମଧୁସୂଦନ ମିଶ୍ର ଯୋଗ ଦେଇ ଛାତ୍ରଜୀବନ କିପରି ବିବିଧ ସୁଗୁଣ ଦ୍ୱାରା ମହନୀୟ ହୋଇପାରିବ ତାହା ଉଲ୍ଲେଖ କରିଥିଲେ । ଓଡ଼ିଶା ଅଧ୍ୟାପକ ଡକ୍ଟର ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ପ୍ରଣୀ ବିଜ୍ଞାନ ଅଧ୍ୟାପିକା ଚେବପାଠ କରିଥିଲେ ।କଲେଜର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।ପ୍ରଣୀ ବିଜ୍ଞାନ ଅଧ୍ୟାପିକା ସୁଚୁତି ମହାନ୍ତି ସମ୍ମାନ୍ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଅପରାହ୍ନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଅଧ୍ୟାପକ ମନୋଜ କୁମାର ନାୟକ, ଅଳକ କୁମାର ମହାକୁଡ଼, ସୁରେନ୍ଦ୍ର ପଣ୍ଡା, ବିଶ୍ୱଜିତ ପ୍ରଧାନ, ବ୍ରଜେ କେହେରା, ସଞ୍ଜୟ ଦେ, ପ୍ରତ୍ୟୁମ୍ନ କୁଣ୍ଡିଲ, ପ୍ରଭାତ ସ୍ୱାଇଁ, ଅଧ୍ୟାପିକା ତନୁଶ୍ରୀ ପୋଷାଳ, ମନସ୍ୱିନୀ ଦାସ, ନମିତା ବତ, ଗୋପାଳି ଦାସ, ମୋନାଲିନା ଦାସ, ଲିପିତା ପାତ୍ର, ପ୍ରିୟଙ୍କା ପାତ୍ର, ପ୍ରାଚିରେଖା ପାତ୍ର, ସନ୍ତୋଷ ପଣ୍ଡା, ସତ୍ୟବ୍ରତ ସାମଲ, ହରେକୃଷ୍ଣ ବାରିକ, ସୁଶାନ୍ତ ଦାସ, ଦେବାଶିଷ ବାଶ, ରତ୍ନାକର କେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଏକ ଦିବସିୟ ବ୍ୟାକରଣ ବିଭାଗର ଆଲୋଚନା ଚକ୍ର

ବାଲିଆପାଳ, ୧୭/୦୨ (ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ଫଂଟୁପାଲି ସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଏକ ଦିବସୀୟ ବ୍ୟାକରଣ ଆଲୋଚନା ଚକ୍ର ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶଙ୍କର୍ଷଣ ପଣ୍ଡା, ମୁଖ୍ୟ ବକ୍ତା ଅଧ୍ୟାପକ ସଦାନନ୍ଦ ଦାଶ୍ତି, ସମ୍ମାନ କୁମାର ନନ୍ଦ, ସିଦ୍ଧେଶ୍ୱର ପତି, ଜଲଜ ପ୍ରତିଷ୍ଠାତା ଅଶୋକ କୁମାର ଗିରି ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦିଆଇଲେ । ବିଭାଗର କର୍ମଚାରୀ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଅଧ୍ୟାପକ ଲକ୍ଷ୍ମୀକାନ୍ତ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ କୃଷ୍ଣମୟ ପାତ୍ର ଅତିଥି ମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଅଧ୍ୟାପକ ବନମାଳୀ ପରିଡା, ଚନ୍ଦନ କୁମାର ନନ୍ଦ ସମିତ କୁମାର ପ୍ରଧାନ, ଅଧ୍ୟାପିକା ସୋଭଜିନି ପରିଡା, ସବିତା ସାହୁ,ଭୂମିମଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଧ୍ୟାପକ ଲକ୍ଷ୍ମୀକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।(

ଶାଶୂଙ୍କ ମୃତ୍ୟୁ ଖବର ଶୁଣି

ସମ୍ପାଦକ
ଆରମ୍ଭ
SEITHO ARAMBHA
ବୁଧବାର, ୧୮ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଖିର ଉତୁରିଲେ

ଖିର ଉତୁରିଲେ ଚୁଲିରେ ପଶେ, ମଣିଷ ଉତୁରିଲେ ଗାଡରେ ପଶେ' । ଉତୁରୁଥିବା ଖିର ତ ଚୁଲିରେ ପଶିବା ଏକ ବାଧ୍ୟ ପରିଣତି । ମାତ୍ର ଉତୁରା ମଣିଷ ଆହୁରି ହୀନାବସ୍ଥା ଭୋଗ କରେ । କୁକୁରେ ଶବ ସତ୍କାର ସମୟ ବି ତାକୁ ମିଳିନଥାଏ । ପୋଡ଼ା ଯାଇଥାଏ କି ମାଟିରେ ମିଶେ, କି କୁକୁର ବିଲୁଆ ଓ ଶାଗୁଣାଙ୍କ ଖାଦ୍ୟ ହୋଇଥାଏ । କେଡ଼େ କେଡ଼େ ପୟାଳମଶାଳାଙ୍କ ଏ ଅବସ୍ଥା ନ ହୋଇଛି ? ରାବଣ, କଂସ, ହିରଣ୍ୟକଶିପୁ ଓ କୌରବ ଶହେଲାଇଙ୍କ କଥା ଦେଖୁନା ! କୋଡ଼ିଏ ହାତ, ଦଶ ମୁଣ୍ଡର ମଣିଷଟାଏ । ବେଦ ପଣ୍ଡିତ ବି । ବିଶ୍ୱର ଗର୍ବିଲା ପୁତ୍ର । ପାଣ୍ଡିତ୍ୟପୂର୍ଣ୍ଣ ଶିବତାଣ୍ଡବ ସ୍ତୋତ୍ରର ରଚୟିତା । ସବୁ ଫୁଲଲୁ ନିର୍ଯାସ ବା ଅର୍କଜାତି ଖିଷଧ ଦିଆରି କରିବାର ବିଦ୍ୟେ ଆୟୁର୍ବେଦ ଚିକିତ୍ସାର, ଏବେ ବି ଦିଗ୍‌ଦର୍ଶକ ହୋଇଥିବା 'ଅର୍କ ଦୀପିକା' ପୁସ୍ତକର ରଚୟିତା ବି ସେ । ଶିବଙ୍କର ପରମ ଭକ୍ତ । ଶ୍ରୀଲଙ୍କାରୁ ପ୍ରତିଦିନ ସେ ହିମାଳୟସ୍ଥ ଶିବ ମନ୍ଦିର ଦର୍ଶନ ପାଇଁ ସ୍ୱର୍ଗରୁ ସ୍ୱୀୟ ପ୍ରଭାବରେ ଆଣିଥିବା ପୁষ୍ପକ ବିମାନରେ ଯାଉଥିଲେ । ସେ ବିମାନର ଚାଳକ (ପାଇଲଟ) ନ ଥିଲେ କି ଅଧା ଘାଟରେ ତା ତଳେ ସରି ଯାଉନଥିଲା । ଦୁର୍ଘଟଣାର ପ୍ରଶ୍ନ କାହିଁ ? ଯେ ଥିଲା ଭାରତୀୟ ବୈଜ୍ଞାନିକ କଳା କୌଶଳର ଏକ ନିଦର୍ଶନ । କାହିଁ ସେମିତି ବୈଜ୍ଞାନିକ ଏ ବିଜ୍ଞାନୀ ପଣ୍ଡିତ କୋଳ କଲେଣି ? ଏ ବିମାନରେ ବସିବା ପୂର୍ବରୁ ଜୀବନବୀମା ନବୀକରଣ କଥା ଲୋକେ ଲାଗୁଛନ୍ତି । ତଥାପି ମଧ୍ୟ ରାବଣଙ୍କ ଦୟନୀୟ ମୃତ୍ୟୁ ହେଲା ନା ନାହିଁ ମ ? ଶିବଙ୍କର ଏଡ଼େ ଭକ୍ତ, ସେ କୁ ତାଙ୍କୁ ରକ୍ଷା ପାରିଲେ ? ଖଲଟି ରାବଣଙ୍କ ଖିଷଦ୍ୟରେ ବିଷଣ୍ଣ ହୋଇ, ତାଙ୍କ ଆଶୀର୍ବାଦ ଓ ଦାନର ଅପବ୍ୟବହାର, ବିଶ୍ୱାସଘାତକତା ଓ ଗୃହଘୃତା ହେତୁ ତାଙ୍କୁ ମାରିବାକୁ ଶ୍ରୀ ହନୁମାନ ରୂପ ପରିଗ୍ରହ କଲେ । ତୁଳସୀ ଦାସ ତ ଲେଖିଲେ ''ଶଙ୍କର ସୁବନ କେଶରୀନନ୍ଦନ, ତେଜ ପ୍ରତାପ ମହାଜଗ ବନ୍ଦନ....''ରାବଣ, କୌରବ ଓ ବଳି ବିଷୟରେ ଆଉ ବି କୁହାଯାଇଛି, ''ଅତିବର୍ଚେ ଡଟା ଲଙ୍କା ଅତିମାନେ ଚ କୌରବାଃ ଅତିଦାନେ ବଳିର୍ବଦ୍ଧଃ ସର୍ବମତ୍ୟନ୍ତ ଗର୍ହିତମ୍'' । ଖିବତ୍ୟ, ହିଂସାର ପରିଣତି ସବୁଜାନେ ଉତୁରା ଖିର ଅବସ୍ଥାର ଭାବାହରଣ ଏ ଆର୍ଯ୍ୟ ସଂସ୍କୃତି ଓ ସଂସ୍କାରରେ ଖୁବି ହୋଇ ରହିଛି । ଆଜିର ଗରିଲା ଯୁଦ୍ଧ, ଛାୟା ଯୁଦ୍ଧ, ବିଶ୍ୱାସଘାତକତା ଓ ନିଷ୍ଠୁର ଦାର୍ଜିଆ ପରିଆର ଏକ ଉଦାହରଣ । ଏଥି ଜଣେ ଶତ୍ରୁର ଦୁର୍ବଳତା ଖୋଜି, ଦୁର୍ବଳ ମୁହୂର୍ତ୍ତକୁ ଅପେକ୍ଷା କରିଥାଏ । ''ନଙ୍ଗି ପଡ଼ିଥିବା ବେଳେ, ବିଧାଏ ମାରିବ ବଳେ'' । ଏ ଗୁଡ଼ାକୁ ଜାପୁରୁଷ, ବାଲଆଁ ଲୁହାଯାଏ । ସେଇଥି ପାଇଁ ଯୁଦ୍ଧ ?କ୍ଷେତ୍ରରେ ଯଦି ଶତ୍ରୁପକ୍ଷର କେହି ନିରସ୍ତ ହୋଇଗଲା, ତେବେ ତାକୁ ଅସ୍ତ୍ର ନ ମିଳିବା ଯାଏ, ତା' ଉପରେ ଅସ୍ତ୍ର ବର୍ଷଣ କାପୁରୁଷତା ଓ ଯୁଦ୍ଧ ନିୟମ ବହିର୍ଭୂତ ଥିଲା । ଅଶିଶାପରେ ରଥରେ ବସିଯିବାର ସୁଯୋଗରେ ଅର୍ଜୁନ ଶର ପ୍ରହାର ନ କରିଥିଲେ କର୍ଣ୍ଣଙ୍କୁ ମାରିବା ସମ୍ଭବ ହୋଇ ନଥାନ୍ତା । ଦାନ ତାଙ୍କଠେଁ ସିନା ଲାଗିଲା, ମାତ୍ର ''ଆପେ ବଂଶେ ବାପର ନାଁ'' ଧ୍ୱନିକୁ ଆପେଣେଇଲେ । ଛାଣ୍ଟ ପିତାମହଙ୍କ ଅବସ୍ଥା ବି ସେଇଆ । ଶିଖଣ୍ଡୀକୁ ତାଙ୍କ ସମ୍ମୁଖକୁ ପଠାଇ, ତାଙ୍କୁ ତାଙ୍କ ପ୍ରତିଜ୍ଞା ଅନୁଯାୟୀ ନିରସ୍ତ କରାଗଲା ଓ ତା'ରି ସୁଯୋଗ ଏ ଅର୍ଜୁନ ନେଲେ । ଏକୁ ପୁରାଣର କାଳ୍ପନିକ କଥା କହି ତମେ ଉଡ଼େଇ ଦବତ ! ଆରେ, ତମ ଇତିହାସକୁ ଦେଖୁନା ! ପ୍ରବଳ ପରାକ୍ରମଶାଳୀ, ଗୁପ୍ତ ସାମ୍ରାଜ୍ୟର ପ୍ରତାପୀ ସମ୍ରାଟ ଓ ପୃଥିବୀର ସବୁଠାରୁ ଧନୀ ସମ୍ରାଟ ଜାରଙ୍କ ମୃତ୍ୟୁ କେଡ଼େ ଦୟନୀୟ ଦେଖୁନା ! ଆରେ ନିଜ ଜୀବନକୁ ବିପନ୍ନ କରି ସାହାଯ୍ୟ କରିବା, ଦାନ ଦେବା ହିଁ ପ୍ରକୃତ ସାହାଯ୍ୟ ଓ ଦାନ । ବନ୍ୟା ବାତ୍ୟାରେ ଲୋକେ ମରେ, ଭୂକମ୍ପରେ ଶହଶହ ସଲିଳ ସମାଧି ଲାଭିଲେ । ରାଜକୋଷ ଖୋଲି ଦେଉଛ । ସେବାର କେତେପ୍ରକାର ପଟେଲେଲା ବୋପା ! ମାତ୍ର ଯେଉଁଠି ଜନତାର ଦୁର୍ବିନତାର ସୁଯୋଗ ନେଇ ନରସଂହାର ଏବଂ ନରଗୁପା ରାକ୍ଷସମାନେ ଚଳାଇଥାନ୍ତି, ସେଥିକୁ ଏକ ବାଳୁଆ ହାତ ଓ ପଇଁରା ବାଳୁ କେମିତି ପାଶାଘାତ ହୋଇଯାଉଛି ? ଏବେ ଦେଖୁନ, ତମ ଚାଳିକାର ନି କାଳିକାଳ କଥା । ଆରେ ବଳେ ଶମତା ହାସଲ ପାଇଁ ସାଧାରଣ ଜନତାଙ୍କୁ, ମହିଳାମାନଙ୍କୁ କେମିତି ହତ୍ୟା କରି ଆପଘାନିସ୍ତାନରେ ରକ୍ତର ନଦୀ ବୁହାଇ ଦେଉଛନ୍ତି ? ବିଳେ ଆମେରିକା ତାଙ୍କ ଚିଠିରେ ପଢ଼ିଥିଲା । ଆଉ କ'ଣ ହେଲା ଯେ, କାନ୍ଧ ଖସେଇଲେନା ? ଏ ଚଲ୍ଲାଣ ଆଚରଣରେ ବର୍ତ୍ତମାନ ମାନବିକ ଅଧିକାର ଧ୍ୱଂସ ଗଙ୍ଗା ଯାଇଥିଲେ ବି ବିଶ୍ୱର ସମସ୍ତ ଦେଶ ନୀରବ କିଆଁ ? ଅନ୍ତର୍ଜାତୀୟ କ୍ଷେତ୍ରରେ ଏହା ବିଦ୍ରୁହରେ ସେମିତି ସ୍ୱର ଏ ଯାଏ ଉଠୁନି କିଆଁ ? ଦେଶ ସମୁଦାୟ ଏଳାଠି ହେଲେ, କୁ ଚାଳିବାନ ବି କାଳିକାଳ ଏମିତି ପୈଶାଚିକ କାଣ୍ଡ ଘଟାଉଛ ? ଦେଖୁନ ନିରୀହ ଜନତାର ହି ବିକଳ ଅବସ୍ଥା ହେଲା ? ରାଷ୍ଟ୍ରପତି ଘଳି ତ ପୂର୍ବତଳ ଭଳି ଜଘନ୍ୟ ଫାଶୀ ଦଣ୍ଡରୁ ମୁକୁଳିବାକୁ ଆପଘାନବାସୀଙ୍କୁ ଛେଡ଼ଣ୍ଡ କରି ପ୍ରାଣ ରକ୍ଷା ପାଇଁ ପଳେଇଲେ । ଭଏ ହେଲା ତମ ସଭ୍ୟତା, ତମ ଗଣତନ୍ତ୍ର ହିସାବ କାନୁନ୍ । ନିଜ ଜୀବନକୁ ବିପନ୍ନ କରି ଶିବି ତ ନିଜ ଦିହକୁ ଖଣ୍ଡ ଖଣ୍ଡ କରି କାଟି, ଛଞ୍ଚାଣକୁ ଦେଇଥିଲେ ଶରଣାଗତ କପୋତକୁ ରକ୍ଷା ପାଇଁ । ଆମ ଦେଶରେ ଆମ୍ଭ ବିଦର୍ଜନ କରାଯାଏ । ବାଳି ରାମଙ୍କର କୁ କ୍ଷତି କରିଥିଲା ? ମାତ୍ର ଭ୍ରାତୃବାଧୁଙ୍କୁ ଅପହରଣ ଓ ତା'ର ଅନ୍ୟାୟ କାର୍ଯ୍ୟ ପାଇଁ ରାମ ତାଙ୍କୁ ବଧ କରିଥିଲେ । ମାତ୍ର ଆଜିର ସାହାଯ୍ୟ ସହାନୁଭୂତି ତଳେ ଆମ ସ୍ୱାର୍ଥ ସବୁ ଲୁଚି ରହିଛି । ଏକଥା ସାରା ଯେ ଦୁଧ ଉତୁରିଲେ ଚୁଲିକୁ, ତିନିଏ ଅପେକ୍ଷା କର ।

ଆଗକୁ ପିଲାର ଆଡ଼ମିଶନ ଅଛି

॥ ଯଶସ୍ୱିନୀ ପଟ୍ଟନାୟକ ॥

ଆଗକୁ ସ୍କୁଲରେ ଆଡ଼ମିଶନ ସମୟ ଆସୁଛି । ତେଣୁ ନୂଆକରି ସ୍କୁଲକୁ ଯିବାକୁ ଥିବା ପିତାମାତାଙ୍କ ମନରେ ପିଲାର ଆଡ଼ମିଶନ ନେଇ ନାନାପ୍ରକାର ଚିନ୍ତା ରହିଥାଏ । ଆଜିକାଲି ଆଡ଼ମିଶନ୍ ସମସ୍ୟା ଯାହା ପିଲା ପାଇଁ ମନପସନ୍ଦର ସ୍କୁଲଟିଏ ପାଇବା ସବୁ ପିତାମାତାଙ୍କର ସ୍ୱପ୍ନ । ତେବେ ଏଥିପାଇଁ କେବଳ ନିଜ ସ୍ୱପ୍ନକୁ ସାକାର କରିବା ଅପେକ୍ଷା କେତେଗୁଡ଼ିଏ ବାସ୍ତବିକ ପରିସ୍ଥିତିକୁ ବିଚାର କରିବା ଜରୁରୀ । ପିଲାର କ'ଣ ଆଗ୍ରହ, ଆପଣ ପିଲାର ପଢ଼ା ପାଇଁ ମାସିକ କେତେ ଟଙ୍କା ଖର୍ଚ୍ଚ କରିପାରିବେ, ପିଲାକୁ ନେବା ଆଣିବା କିଏ କରିବ, କ'ଣ ପାଇଁ ଆପଣ ତାଙ୍କୁ ସେହି ସ୍କୁଲର ପଢ଼ାଇବାକୁ ଚାହୁଁଛନ୍ତି କି ? ଆପଣଙ୍କ ଚାକିରିରେ ଟ୍ରାନ୍‌ସଫର ଅଧିକ ହୁଏ ନା ନାହିଁ ଇତ୍ୟାଦିକୁ ବିଚାରକୁ ନେଇ ପିଲାକୁ କେଉଁ ସ୍କୁଲରେ ପଢ଼ାଇବେ ଏହା ସ୍ଥିର କରନ୍ତୁ । ପିଲାର କେବଳ ପାଠପଢ଼ାରେ ମନ ଅଛି ନା ଅନ୍ୟ କିଛି ରୁଚି ଯଥା ଗୀତ, ନାଚ ଚିତ୍ର ଆଦି ପ୍ରତି ଆଗ୍ରହ ଅଛି କି ନାହିଁ । ଆପଣ ଯେଉଁ ସ୍କୁଲରେ ପିଲାକୁ ପଢ଼ାଇବାକୁ ଚାହୁଁଛନ୍ତି ସେଠାରେ ତାର ରୁଚିର ଶିକ୍ଷା ପାଇଁ କି ପ୍ରକାର ବ୍ୟବସ୍ଥା ରହିଛି । ଯଦି ନାହିଁ ଆପଣଙ୍କ ଘର ପାଖରେ ସେପରି କୌଣସି ସୁବିଧା ଅଛି କି ?

ଆପଣ ମାସକୁ ପିଲାର ସ୍କୁଲ ବସ୍ ଓ ଅନ୍ୟାନ୍ୟ ଶିକ୍ଷା ବାବଦରେ କେତେ ଖର୍ଚ୍ଚ କରିପାରିବେ ହଠାତ୍ ଲାଭପ୍ରଦ ହୋଇ ଅଧିକ ଖର୍ଚ୍ଚ କରିବାର ସିଦ୍ଧାନ୍ତ ନିଅନ୍ତୁ ନାହିଁ । ବରଂ ସେତିକି ଖର୍ଚ୍ଚ ପ୍ରତିମାସରେ କରିପାରିବେ ସେତିକି ଅନୁଯାୟୀ ବଜେଟ୍ ସ୍ଥିର କରନ୍ତୁ । ଯଦି ଆପଣଙ୍କ ବଜେଟ୍ କମ୍ ତାହେଲେ ପିଲାକୁ ଘର ପାଖ ସ୍କୁଲରେ ପଢ଼ାଇବାକୁ ଚେଷ୍ଟା କରନ୍ତୁ । କାରଣ ଏହାଦ୍ୱାରା ଆପଣଙ୍କୁ ଅଯଥା ସ୍କୁଲ ବସ୍‌ରେ ଅଧିକ ଅର୍ଥ ବ୍ୟୟ କରିବାକୁ ହେବନାହିଁ । ପିଲାକୁ ପଢ଼ାଇବା ପୂର୍ବରୁ ଆପଣ ନିଜ କାମ ବିଷୟରେ ଜାଣନ୍ତୁ । ଯଦି ଆପଣ କେବଳ ଗୃହିଣୀ ତେବେ ପିଲାର ସ୍କୁଲ ଘର ପାଖରେ ରହିଲେ ଆପଣ ସହଜରେ ତାକୁ ନେବା ଆଣିବା କରିପାରିବେ । ଯଦି ଆପଣ କର୍ମଜୀବୀ ତେବେ ଆପଣଙ୍କ କାମର ପ୍ରକାର କ'ଣ ? ଆପଣ ତାକୁ ଆଣିପାରିବେ ନା ଅନ୍ୟ କାହା ଉପରେ ଏହି ଦାୟିତ୍ୱ ଦେବେ । ଦ୍ୱିତୀୟରେ ଯଦି ଘର ପାଖରେ ସ୍କୁଲ ଥାଏ ଏବଂ ଆପଣ ବା ଆପଣଙ୍କ ପତି ନେବା ଆଣିବା କରିଦିଅନ୍ତି ତେବେ ବସ୍‌ରେ ଯିବା ଆସିବାରେ ଅତି କମ୍‌ରେ ୩ ଘଣ୍ଟା ସମୟ ନେବ । ଏହି ୩ ଘଣ୍ଟା ସମୟରେ ବଳିଲେ ଏହା ତାର ଖେଳକୁଦରେ ବିନିଯୋଗ ହୋଇପାରିବ କିମ୍ବା ସେ ନିଜ ପସନ୍ଦର କିଛି କରିପାରିବ ।

ଯଦି ଆପଣଙ୍କ ବଜେଟ୍ କମ୍ ତେବେ ଚିନ୍ତା କରନ୍ତୁ ଯେ ଆପଣ ତାକୁ ପଢ଼ାଇ ପାରିବେ ନା ନାହିଁ । ପିଲା ବଡ଼ ହେଲେ ହୁଏତ୍ ଆପଣ ତାକୁ ନେପଢ଼ାଇ ପାରନ୍ତି, କିନ୍ତୁ ଛୋଟ କ୍ଲାସରେ ଚେଷ୍ଟା କଲେ ପଢ଼େଇ ପାରିବେ । ଯଦି ଆପଣଙ୍କ ପତିଙ୍କ ଚାକିରିରେ ବାରମ୍ବାର ବଦଳି ହୁଏ ତେବେ ଏପରି ସ୍କୁଲରେ ପିଲାର ଆଡ଼ମିଶନ କରନ୍ତୁ ଯେପରି ତାହାକୁ ସହଜରେ ବଦଳି କରାଯାଇପାରିବ । ତେଣୁ ଆପଣଙ୍କ ପିଲାକୁ ସ୍କୁଲରେ ଆଡ଼ମିଶନ କରାଇବା ଆଗରୁ ପତି ଓ ପରିବାର ସହ ମିଶି ସବୁ ସମ୍ପର୍କରେ ଆଲୋଚନା କରନ୍ତୁ । ପରେ ଯେମିତି ଆପଣଙ୍କୁ ପସ୍ତେଇବାକୁ ନହୁଏ ।

ଆପଣ ଭୁଲନ୍ତୁ ନାହିଁ ଆପଣଙ୍କ ପିଲାଟି ହେଉଛି ଆପଣଙ୍କର ଏବଂ ଆପଣଙ୍କ ପରିବାରର ସ୍ୱପ୍ନ ଓ ଭବିଷ୍ୟତ । ତାହାର ପାଠପଢ଼ା ପାଇଁ ଆପଣ ଆଗେ ଏକ ପ୍ରକାର କଣ୍ଟେମ୍ପାରାରି କରନ୍ତୁ ନାହିଁ । ଅନେକ କ୍ଷେତ୍ରରେ କିଛି ଅଭିଭାବକ ଭାବପ୍ରବଣ ହୋଇ ଏପରି ଏକ ବିଦ୍ୟାଳୟରେ ନାମ ଲେଖାଇଥାନ୍ତି ଯେ ପରବର୍ତ୍ତୀ ସମୟରେ ସେମାନେ ଏଥିପାଇଁ ମନସ୍ତାପ କରିଥାନ୍ତି କେତେକ କ୍ଷେତ୍ରରେ ପିଲାଟିକୁ ଅନ୍ୟ ବିଦ୍ୟାଳୟକୁ ଏକ ପ୍ରକାର ନେଇଯିବା ପାଇଁ ମନସ୍ଥ କରିଥାନ୍ତି ମଧ୍ୟ । ତେବେ ଆପଣ ଆପଣଙ୍କ ପିଲାଟିର ଭବିଷ୍ୟତ ଗଢ଼ିବା ପାଇଁ ଆପଣଙ୍କ ମନୋନୀତ ଭଲ ସ୍କୁଲରେ ନାମ ଲେଖା କ୍ଷେତ୍ରରେ ଆଗପଛ ହୋଇଥାନ୍ତି । ତେବେ ପିଲାଟିର ଭବିଷ୍ୟତ ଗଠନ କ୍ଷେତ୍ରରେ ଆପଣ ଖର୍ଚ୍ଚ କରିବାରେ ମଧ୍ୟ ପଛଘୁଞ୍ଚା ଦିଅନ୍ତୁ ନାହିଁ । ବିଦ୍ୟାଳୟ ପାଠପଢ଼ା ବ୍ୟତୀତ୍ତା ଭିତରେ ଆଜିର ଶିକ୍ଷା ବ୍ୟବସ୍ଥା ପାଇଁ ଅନେକ ଅଭିଭାବକ ଅର୍ଥ ଖର୍ଚ୍ଚରେ କୁଣ୍ଠାବୋଧ କରିଥାନ୍ତି । କିନ୍ତୁ ସବୁ ଦିଗକୁ ବିଚାର କରି ଆପଣ ପିଲାଟିର ପାଠପଢ଼ା ଓ ଭବିଷ୍ୟତ ଚିନ୍ତାକରି ନିଶ୍ଚିତ ନିଅନ୍ତୁ ।

ଅଧ୍ୟକ୍ଷା, ନାନକା ପବ୍ଲିକ୍ ସ୍କୁଲ, ସେକ୍ଟର-୮, ସିଡିଏ, ଜଟନି

ପ୍ରେରଣାର ଉତ୍ସ ଭଗତ ସିଂହ

॥ ରବିନାରାୟଣ ପଟ୍ଟନାୟକ ॥

ଭାରତର ସ୍ୱାଧୀନତା ସଂଗ୍ରାମରେ ସବୁଠୁ ପ୍ରତିଭାଶାଳୀ କ୍ରାନ୍ତିକାରୀ ସଂଗ୍ରାମୀ ଥିଲେ ଭଗତ ସିଂହ । ତାଙ୍କ ନାଁ ଶୁଣିଲେ ଆସେ ଆସେ ମନରେ ଦେଶପ୍ରେମ ଜାଗ୍ରତ ହୋଇଥାଏ ।ଭାରତ ଇତିହାସରେ ଭଗତ ସିଂହଙ୍କ ନାମ ବେଶ୍ ? ପରିଚିତ । ପିଲାଠୁ ବୃଦ୍ଧ ସମସ୍ତେ ତାଙ୍କୁ ଜାଣନ୍ତି । ତାଙ୍କ ନାମ ଶୁଣିଲେ ଆସେ ଆସେ ମନରେ ଦେଶପ୍ରେମ ଜାଗ୍ରତ ହୋଇଥାଏ । ଆଜି ସେହି ଦିନ ଯେଉଁଦିନ ଏହି ବୀରଯୁବୁଷଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ଭଗତ ସିଂହ ସେପରୁଆର ୨୮ ତାରିଖ ୧୯୦୭ ତାରିଖରେ ପଞ୍ଜାବର ଲାୟପୁରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନ୍ମ ଏକ ଶିଖ ପରିବାରରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଥିଲା ସରଦାର କିଶାନ ସିଂହ ସାଧୁ ଏବଂ ମାତା ନାମ ବିଦ୍ୟାବତୀ ଥିଲା । ତାଙ୍କର ପାଂଚ ଭାଇ ତିନି ଭଉଣୀ ଥିଲେ । ସମସ୍ତ ଭାଇ ଭଉଣୀଙ୍କ ମଧ୍ୟରୁ ଭଗତ ସିଂହ ସବୁଠାରୁ ଚାଳାକ ଚତୁର ଏବଂ ବିଚକ୍ଷଣ ବୁଦ୍ଧିଆ ଥିଲେ । ଭଗତ ସିଂହଙ୍କ ପରିବାର ପୂର୍ବରୁ ହିଁ ଦେଶପ୍ରେମୀ ଥିଲେ ଏବଂ ଦେଶ ପାଇଁ ଲଢ଼ି ଆସୁଥିଲେ ।

ଭଗତ ସିଂହଙ୍କ ଜନ୍ମ ସମୟରେ ତାଙ୍କ ପିତା ଏବଂ ତାଙ୍କର ଦୁଇ ବାବା ଜେଲରେ ବନ୍ଦି ହୋଇ ରହିଥିଲେ । ବାପା ବାବାଙ୍କ ଭଳି ଭଗତ ସିଂହଙ୍କ ଭିତରେ ବି ଛୋଟ ବେଳୁ ଦେଶପ୍ରେମ ଭରି ହୋଇ ରହିଥିଲା । ସେ ତାଙ୍କର ପାଠପଢ଼ା ଗାଁ ସ୍କୁଲରୁ ଆରମ୍ଭ କରିଥିଲେ ।ସେ ଯେତେବେଳେ ୧୨ ବର୍ଷର ହୋଇଥିଲେ ସେତେବେଳେ ଜାଲିୟାନବାଗ ହତ୍ୟାକାଣ୍ଡ ତାଙ୍କ ମନକୁ ଆନ୍ଦୋଳିତ କରିଥିଲା । ସେହି ଦିନଠାରୁ ସେ ଦେଶ ପାଇଁ ଲଢ଼ିବେ ବୋଲି ପ୍ରତିଜ୍ଞା କରିଥିଲେ । ଭଗତ ସିଂହ ୧୩ ବର୍ଷ ବୟସରେ ପାଠପଢ଼ା ଛାଡ଼ି ଭାରତର ସ୍ୱାଧୀନତା ସଂଗ୍ରାମରେ ନିଜର ଜୀବନ ଉତ୍ସର୍ଗ କରିଦେଇଥିଲେ ।ଯେଉଁ ବୟସରେ ଲୋକମାନେ ନିଜ ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖନ୍ତି, ସେହି ବୟସରେ ଭାରତ ମାତାର ସାହାସୀ ବିପ୍ଳବୀ ଦେଶ ପାଇଁ ନିଜ ବେକରେ ଫାଶୀର ଫାନ୍ଦା ଲଗାଇବାକୁ ମଧ୍ୟ ପଛଘୁଞ୍ଚା ଦେଇନଥିଲେ । ଭଗତ ସିଂହ ଧିରେ ଧିରେ ବଡ ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ଆନ୍ଦୋଳନ କରିବାକୁ ଲାଗିଥିଲେ । ଭାରତକୁ ଆଜାଦି ଦେବା ପାଇଁ ଅନେକ ସଂଗଠନରେ ଯୋଗ ଦେଇଥିଲେ ଏବଂ ଅନେକ ସଂଗଠନ ମଧ୍ୟ ବନାଇଥିଲେ । ସଂଗଠନରେ ମିଶି ଇଂରେଜ ମାନଙ୍କ ବିରୁଦ୍ଧରେ ଲଢୁଥିଲେ । କାଳ କ୍ରମେ ଭଗତ ସିଂହ ଇଂରେଜମାନଙ୍କ ପାଇଁ ଏକ ମୁଣ୍ଡିଆ ବିନ୍ଧା ପାଲଟି ଯାଇଥିଲେ । ସେତେବେଳେ ସମୟରେ ଭଗତ ସିଂହଙ୍କ ନାଁ ଶୁଣିଲେ ଇଂରେଜମାନେ ଭୟଭୀତ ହୋଇ ଉଠୁଥିଲେ । ଲାଲା ଲଜପତ ରାୟଙ୍କର ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନର ଜଣେ ପ୍ରମୁଖ ସଦସ୍ୟ ରହିଥିଲେ । ଭାରତରେ ଚାଲିଥିବା ରାଜନୈତିକ ବାତାବରଣକୁ ଅନୁଧ୍ୟାନ କରିବା ପାଇଁ ବ୍ରିଟିଶ ସରକାର ୧୯୨୮ ମସିହାରେ ସାଇମନ କମିଶନ ନାମକ ଏକ ଦଳକୁ ପଠାଇଥିଲେ । ଏହି କମିଶନ ଲାହୋର ପରିଦର୍ଶନରେ ଆସିବାବେଳେ ଲାଲା ଲଜପତ ରାୟ ଏହାର ଦୃଢ଼ ବିରୋଧ କରିଥିଲେ । ଏହି ବିରୋଧ କ୍ରମଶଃ ହିଂସାତ୍ମକ ରୂପ ଧାରଣ କଲା । ଏହି ସମୟରେ ଉପସ୍ଥିତ ବ୍ରିଟିଶ ପୋଲିସର ଲାଠିଚାଳନାରେ ଲାଲାଜୀ ଗୁରୁତର ଆହତ ହୋଇଥିଲେ । ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥିଲେ । ଲାଲାଜୀଙ୍କର ମୃତ୍ୟୁର ପ୍ରତିଶୋଧ ନେବାକୁ ଯୋଜନା ପ୍ରସ୍ତୁତ କରିଥିଲେ ଭଗତ ସିଂହ, ଶୁଖଦେବ ଓ ରାଜଗୁରୁ । ଫଳରେ ଲକ୍ଷ ବ୍ରିଟିଶ ଅଫିସର୍‌ଙ୍କୁ ଗୁଳି କରି ହତ୍ୟା କରିଥିଲେ । ପରବର୍ତ୍ତୀ ସମୟରେ ଧରା ମଧ୍ୟ ପଡ଼ିଥିଲେ । ଭଗତ ସିଂହ ଜେଲରେ ରହି ମଧ୍ୟ ତାଙ୍କର ଦୁଃସାହସିକ କାର୍ଯ୍ୟକ୍ରମ ବନ୍ଦ କରିନଥିଲେ । ତେଣୁ ବ୍ରିଟିଶ ସରକାର ଏହି ମାମଲାକୁ ତୁରନ୍ତ ସମାଧାନ କରିବାକୁ ଚାହୁଁଥିଲେ । ସେଥିପାଇଁ ବ୍ରିଟିଶ ସରକାର ଏକ ଟ୍ରିବୁନାଲ ବୈଠକ ବସାଇଥିଲେ । ସେହି ବୈଠକରେ ଏକ ତରଫା ନିଷ୍ପତ୍ତି ନିଆଯାଇ ଭଗତ ସିଂହ ଏବଂ ତାଙ୍କ ସାଥୀଙ୍କ ବିରୁଦ୍ଧରେ ଶୁଣାଣି ହୋଇଥିଲା । ଏହି ଶୁଣାଣିରେ ଭଗତ ସିଂହ, ଶୁଖଦେବ ଏବଂ ରାଜଗୁରୁଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ, ୨୪ ମାର୍ଚ୍ଚ ୧୯୩୧ରେ ଭଗତଙ୍କୁ ଫାଶୀ ଦିଆଯିବାର ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ଜନ ଆନ୍ଦୋଳନକୁ ଅଖିଆଗରେ ରଖି ମାର୍ଚ୍ଚ ୨୩ ତାରିଖରେ ଫାଶୀ ଦେଇଦିଆଗଲା ।

ପରିଆ, ଭୁବନେଶ୍ୱର
୯୯୩୮୧୧୩୨୨୬

ଡିଜିଟାଲ ବ୍ୟାଙ୍କିଂ

॥ ତପନ କୁମାର ପାଳ ॥

ଆଜିକାଲି ହାତ ପାହାଣ୍ଡାରେ ଅତ୍ୟାଧୁନିକ ମୋବାଇଲ । ଲୋକମାନେ ବ୍ୟାଙ୍କ ସେବା ସାମଗ୍ରିକ ଭାବେ ମୋବାଇଲ ବ୍ୟବସ୍ଥା ଦ୍ୱାରା ଘରେ ବସି ଏହାକୁ ପାଇପାରୁଛନ୍ତି । ବ୍ୟାଙ୍କିଂ ସେକ୍ଟରରେ ଦିନକୁ ଦିନ ସର୍ବଶେଷ ସମସ୍ତ ତଥ୍ୟ ଗ୍ରାହକ ମାନଙ୍କୁ ଉପଲବ୍ଧ କରାଯାଇଛି । ତେବେ ଅନଲାଇନ ବ୍ୟାଙ୍କ ସେବା ଭାପରେ ଅନେକଙ୍କର କିଛି ଅଭିଯୋଗ ମଧ୍ୟ ରହିଛି । ଭାରତର ବିଶାଳ ଅର୍ଥନୀତିରେ ବ୍ୟାଙ୍କ ସେବାର ଗୁରୁତ୍ୱପୂର୍ଣ୍ଣ ସହଭାଗିତା ଓ ସହଯୋଗ ରହିଛି । ତେବେ ଡିଜିଟାଲ ବ୍ୟାଙ୍କ ସେବା ଓ ଅନଲାଇନ ପେମେଣ୍ଟ ବ୍ୟବସ୍ଥାରେ ଦିନକୁ ଦିନ କିଛି ସୁଧାର ମଧ୍ୟ ଆସୁଛି । ସେହିପରି ବ୍ୟାଙ୍କ ଓ୍ୱେବସାଇଟରେ ଯଥେଷ୍ଟ ତଥ୍ୟ ରହିଥିବେ ମଧ୍ୟ ବ୍ୟାଙ୍କ ସେବା ନେଉ ଅନେକ ଗ୍ରାହକଙ୍କ ଦିନକୁ ଦିନ ଆଗ୍ରହ ବଢୁଛି । ତେବେ କୌଣସି ବିଧିବଦ୍ଧ କୋର୍ସ କରିବା ପୂର୍ବରୁ ସମସ୍ତ ତଥ୍ୟ ଭଲଭାବେ ବୁଝିବା ଉଚିତ । ଆଜିକାଲି ଡିଜିଟାଲ ବ୍ୟାଙ୍କିଂରେ କ୍ୟାରିୟର କରିବା ପାଇଁ ଅନେକ ପିଲାମାନଙ୍କ ଭିତରେ ଆଗ୍ରହ ବଢୁଛି । ଏହା ଏକ ପ୍ରକାର ନିଜସ୍ୱ ବ୍ୟ

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୧୮ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଫେବୃଆରୀ ୨୦ରେ ନୂଆପଡାରେ ଅନୁଷ୍ଠିତ ହେବ 'ରାହାଗିରି'

ନୂଆପଡା, ୧୭/୦୨ (ଆ.ପ୍ର) :ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ଫେବୃଆରୀ ୨୦ ତାରିଖ ସକାଳରେ ନୂଆପଡା ସ୍ଥିତ ପୋଲିସ୍ ପର୍ଡ଼ାରେ 'ରାହାଗିରି' କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ସଚ୍ଚାନ୍ତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମୁଖ୍ୟାଳୟ ସଚ୍ଚିବାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଦର୍ଶନ ଚନ୍ଦ୍ର ଗଉଡ଼, ମୁଖ୍ୟ ଇଞ୍ଜିନିୟର ଅଧିକାରୀ ଲମ୍ବୋଦର ଧଡୁଆ, ଉପ ଜିଲ୍ଲାପାଳ ଶ୍ରୀମତୀ ସୁମି ସୋରେନ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ଜିଲ୍ଲା ଶ୍ରମ ଅଧିକାରୀ ଜାସ୍ମିନ ସାହୁ, ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ବବିତା ସିଂହ, ଏସ ଡି ପି ଓ, ମେଶୀ ରାଣୀ ପୁର୍ତୀ, ଏ ସି ଏଫ୍ ମହମ୍ମଦ ମୁସ୍ତାଫା, ଅଞ୍ଚଳ ସେଶଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।ବୈଠକରେ ଆଲୋଚନା ଅନୁସାରେ ରାହାଗିରି ମାଧ୍ୟମରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବିରୋଧରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଯୋଗାଧ୍ୟାସ, ରଙ୍ଗୋଲି ପ୍ରତିଯୋଗିତା, ସ୍ଲୋ ସାଇକ୍ଲିଂ, ମେହେନ୍ଦି ପ୍ରତିଯୋଗିତା, ସ୍ୱାକ୍ଷର ଅଭିଯାନ, ଚିତ୍ରାଙ୍କନ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହେବ । ସେପରି ଏକକ ବ୍ୟବହୃତ ପ୍ଲାଷ୍ଟିକ ବିରୋଧରେ ଜନସଚେତନତା ସୃଷ୍ଟି କରିବା ପାଇଁ ପଥ ପ୍ରାନ୍ତ ନାଟକ (ଷ୍ଟ୍ରିଟ୍ ସ୍ଟ୍ରେ) ମାଧ୍ୟମରେ ସାମାଜିକ ସନ୍ଦେଶ ପ୍ରଚାର କରାଯିବ । ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷି କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ନିମନ୍ତେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ବର୍ଜନ କରିବା ଆବଶ୍ୟକ ଏବଂ ଏହି ରାହାଗିରି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ।

୧୯ରୁ ମାଟ୍ରିକ ପରୀକ୍ଷା ଧାମନଗରରେ ୧୭ କେନ୍ଦ୍ର, ୩୦୩୨ ପରୀକ୍ଷାର୍ଥୀ

ଧାମନଗର, ୧୭/୦୨ (ଆ.ପ୍ର) : ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଗୁରୁତ୍ୱପୂର୍ଣ୍ଣ ମାଟ୍ରିକ ପରୀକ୍ଷା ଚଳିତ ମାସ ୧୯ ତାରିଖ ଠାରୁ ଆରମ୍ଭ ହେବ । ଏଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ ପକ୍ଷରୁ କେନ୍ଦ୍ର ଚାଳିକା ଚୂଡ଼ାନ୍ତ ହୋଇ କେଉଁ କେନ୍ଦ୍ରରେ କେତେ ସଂଖ୍ୟକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ତାହା ସ୍ଥିର ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଧାମନଗର ବ୍ଲକର ୧୭ ଟି କେନ୍ଦ୍ରରେ ମୋଟ ୩୦୩୨ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ । ୧୭ କେନ୍ଦ୍ର ମଧ୍ୟରୁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୦, ଜନତା ଉଚ୍ଚ ବିଦ୍ୟାପୀଠ ଜାହାଙ୍ଗିରରେ ୧୩୫, ସେଣ୍ଟମୁର ହାଇସ୍କୁଲରେ ୧୮୯, ଖଡ଼ି ପଦା ହାଇସ୍କୁଲରେ ୧୨୬,ଏସଏସକେ ହାଇସ୍କୁଲ ଦୋବଲରେ ୧୭୭, ପିଡି ହାଇସ୍କୁଲ ଭରତାନପୁରରେ ୧୫୬, ଲନ୍ଦମଣି ହାଇସ୍କୁଲ ବିଶିଗଡ଼ିଆରେ ୧୮୦,ଲାଡ଼ ଗୋବିନ୍ଦ ହାଇସ୍କୁଲରେ ୧୬୦, ବାସୁଦେବ ହାଇସ୍କୁଲ ମହାବଚନଗରରେ ୨୬୬, ମୁରଲୀଧର ହାଇସ୍କୁଲ ଧୁଷୁରୀରେ ୧୫୯, ଧୁଷୁରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୫, ଗୋପବନ୍ଧୁ ନଗର ହାଇସ୍କୁଲ ହସନାବାଦରେ ୨୩୮, ନବୀଗାଁ ହାଇସ୍କୁଲରେ ୧୬୪, କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୬,ଉତ୍କଳମଣି ଉଚ୍ଚ ବିଦ୍ୟାପୀଠ କନ୍ଧଟିଆରେ ୧୧୯, ଗନ୍ଧିଦ ନଗର ହାଇସ୍କୁଲରେ ୨୪୦ ଏବଂ ଅମୃତଲିନ ହାଇସ୍କୁଲରେ ୧୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି ।ପରୀକ୍ଷା ପରିଚାଳନା ପାଇଁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଧୁଷୁରୀ ଏମ ଡ଼ି ହାଇସ୍କୁଲକୁ ନୋଡାଲ ସେଂଟର ମନୋନୀତ କରାଯାଇଛି।ପରୀକ୍ଷା ଦିନ ସକାଳୁ ନୋଡାଲ ସେଂଟରରୁ ପୁଲିସ ସୁରକ୍ଷା ମାଧ୍ୟମରେ ପ୍ରତି କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ ବୋଲି ଜଣାଯାଇଛି ।

ଗୋପରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଦାବି

ପୁରୀ, ୧୭/୦୨ (ଆ.ପ୍ର) : ପୁରୀ ଜିଲ୍ଲାର ଗୋପ ବ୍ଲକରେ ଏକ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦୀର୍ଘଦିନ ଧରି ଚାଲିଥିବା ଦାବି ଏବେ କେନ୍ଦ୍ର ସ୍ତରରେ ଆଲୋଚନାରେ ଆସିଛି । ଏହି ସମ୍ପର୍କରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ପ୍ରଶାନ୍ତ ସ୍ୱାଇଁ (ଲୁଲୁ) ଦ୍ୱାରା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପଠାଯାଇଥିବା ପତ୍ରକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟାଳୟ ଗ୍ରହଣ କରିଥିବା ନେଇ ଅଧିକାରିକ ସୂଚନା ମିଳିଛି । ପ୍ରଶାନ୍ତ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଥିଲେ ଯେ ପୁରୀ ଜିଲ୍ଲାରେ ବର୍ତମାନ କେବଳ ପୁରୀ ସହରରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ରହିଛି, ଯାହା ଗୋପ, ଲୋଖାଣ୍ଡି, ନିମାପଡ଼ା, ଅସ୍ତରଙ୍ଗ, କାକଟପୁର ଭଳି ଅଂଚଳର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାୟ ୪୦ କି.ମି. ଦୂର । ଏହି ଦୂରତା କାରଣରୁ ଛୋଟ ପିଲାମାନେ ଦୈନିକ ଯାତ୍ରାରେ ଗଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗୋପ ଅଂଚଳକୁ କେନ୍ଦ୍ର କରି ଆଗାମୀ ଦିନରେ କୋଣାର୍କ ସୂର୍ଯ୍ୟ ମନ୍ଦିରର ସଂରକ୍ଷଣ, ପର୍ଯ୍ୟଟନ ବିକାଶ, କୋଷ୍ଟାଲ ହାଇୱେ, ଅସ୍ତରଙ୍ଗ ବନ୍ଦର, ଗୋପ ପଥ ସଂଯୋଗ, କେନ୍ଦ୍ରୀୟ ପିଏସୟୁ, ହୋଟେଲ ଓ ମୋଟେଲ ଭଳି ବଡ଼ ବିକାଶମୂଳକ ପ୍ରକଳ୍ପ ଆସିବାକୁ ଥିବା ନେଇ ମଧ୍ୟ ପତ୍ରରେ ଉଲ୍ଲେଖ କରାଯାଇଛି । ଏହାର ଫଳରେ ବହୁ ସଂଖ୍ୟକ କେନ୍ଦ୍ରୀୟ କର୍ମଚାରୀ, ସୁରକ୍ଷା କର୍ମୀ ଓ କେନ୍ଦ୍ରୀୟ ପିଏସୟୁ ଅଧିକାରୀ ଏହି ଅଂଚଳରେ କାର୍ଯ୍ୟରତ ହେବେ, ଯାହାକି ପିଲାମାନଙ୍କ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଅତ୍ୟନ୍ତ ଆବଶ୍ୟକ । ଏହି ପ୍ରସଙ୍ଗରେ ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ "ପତ୍ର ଗ୍ରହଣ କରାଯାଇଛି" ବୋଲି ଆସିଥିବା ଉତ୍ତରକୁ ସ୍ୱାଗତ କରି ପ୍ରଶାନ୍ତ ସ୍ୱାଇଁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଗୋପ ବ୍ଲକକୁ କେନ୍ଦ୍ର କରି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ସଠିକ୍ ସର୍ବେକ୍ଷଣ କରାଯାଇ ଏବଂ ଜିଲ୍ଲା ଅଯଥା ଚର୍ଚ୍ଚା ଓ ଷଡଯନ୍ତ୍ରକୁ ଦୂରେ ରଖି ଛାତ୍ରଛାତ୍ରୀଙ୍କ ହିତକୁ ପ୍ରାଥମିକତା ଦିଆଯାଉ । ଏହି ଦାବିକୁ ନେଇ ସ୍ଥାନୀୟ ଅଂଚଳରେ ସକାରାତ୍ମକ ପ୍ରତିକ୍ରିୟା ଦେଖାଦେଇଛି ଏବଂ ଆଗାମୀ ଦିନରେ କେନ୍ଦ୍ର ସରକାର ଏହା ଉପରେ ସଠିକ୍ ନିଷ୍ପତ୍ତି ନେବେ ବୋଲି ଲୋକମାନେ ଆଶା ପ୍ରକାଶ କରିଛନ୍ତି ।

ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସପ୍ତାହବ୍ୟାପୀ ଶୀତ କାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୧୭/୦୨ (ଆ.ପ୍ର) : ଗଜପତି ଜିଲ୍ଲାର ଅନ୍ତର୍ଗତ ଶିକ୍ଷାନୁଷ୍ଠାନ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସହ ଏକକ(ଭଲୟ ପୁରୁଷ ଓମହିଳା) ପକ୍ଷରୁ ଅୟୋଜିତ ସପ୍ତାହବ୍ୟାପୀ ଶୀତ ସ୍ୱତନ୍ତ୍ର ଶିବିର ଆଜି ପୋଷ୍ୟଗ୍ରାମ କେରାଣ୍ଡିର ମହାଦେବ ମନ୍ଦିରର ପରିସରରେ ଉଦଘାଟିତ ହୋଇଯାଇଛି । ଏଥିରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜକ ଡ. ବିଶ୍ୱେଶ୍ୱର ମିଶ୍ର ଯୋଗଦେଇ ଶିବିରାର୍ଥୀମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ବିଦ୍ୟାଧର ସେଠୀ ସ୍ୱତନ୍ତ୍ର ଶିବିର ଆୟୋଜନର ଲକ୍ଷ୍ୟ ଓ ଆବଶ୍ୟକତା ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ ଓ ତେବେ ଫେବୃଆରୀ ୨୨ ତାରିଖରେ ଉଦଯାପିତ ହେବାଲୁଥିବା ଉକ୍ତ ଶିବିର ଅବସରରେ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପୋଷ୍ୟଗ୍ରାମ ଲୋକଙ୍କ ଅର୍ଥନୈତିକ, ଶୈକ୍ଷିକ, ଜୀବନ ଜୀବିକା ସମ୍ପର୍କରେ ସର୍ଭେ କରାଯିବା ସହ ବିଭିନ୍ନ ପ୍ରକାରର ସଚେତନତାମୂଳକ ପ୍ରଚାର କରାଯିବ ବୋଲି କାର୍ଯ୍ୟକ୍ରମ ଅଧିକାରୀଙ୍କ ଠାରୁ ପ୍ରକାଶ ପାଇଛି ।

ସାଇନପଡା ଜଙ୍ଗଲ ଅଂଚଳରୁ ୧୨ ଏକର ଗଞ୍ଜେଇ ଗଛ ପୋଡାଗଲା

ବାଲିଗୁଡା, ୧୭/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ସାଲନ୍ଦ ପଡା ଅଂଚଳରୁ ବେଆଇନ ଭାବେ ଲଗା ଯାଇଥିବା ଗଞ୍ଜେଇ ଚାଷକୁ କ.ନୂଆଗାଁ ପୋଲିସ ବିଭାଗ ଓ ଅବକାରୀ ବିଭାଗର ମିଳିତ ଭାବେ ଚଢ଼ାଇ ଜରି ଗଞ୍ଜେଇ ଗଛ ଜାତି ନିର୍ଣ୍ଣୟ ଲଗାଇ ପୋଡି ନଷ୍ଟ କରି ଦେଇଥିବା ସୂଚନା ମିଳିଛି । ଗୁପ୍ତଚର ସରକାରୀ ଜଙ୍ଗଲ ଜମିରେ ବେଆଇନ ଗଞ୍ଜେଇ ଚାଷ ଉପରେ ରୋକ ଲଗାଇବାକୁ ପ୍ରଶାସନ ବିଭିନ୍ନ ସଚେତନତା ଅଭିଯାନ ଚଳାଇ ଥିଲେ ମଧ୍ୟ ଗଞ୍ଜେଇ ଚାଷ ଅଂଚଳରେ ବଢିବାରେ ଲାଗିଛି । ଏନେଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉକ୍ତ ସାଲନ୍ଦ ପଡା ଜଙ୍ଗଲ ଅଂଚଳରୁ ପ୍ରାୟ ୧୨ ଏକର ଜଙ୍ଗଲ ଜମିରେ କରା ଯାଇଥିବା ଗଞ୍ଜେଇ ଚାଷ ଯାହାର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଗଛ ସବୁ କାଟି ପୋଡି ଦେଇଛନ୍ତି । ଏ ସମ୍ବନ୍ଧରେ କ.ନୂଆଗାଁ ଥାନାରେ ୩୨/୨୬ ରେ ଏକ ଏନଡିପିଏସ ମାମଲା ରୁଜୁ କରାଯାଇଥିବା ବିଷୟ ଥାନା ଅଧିକାରୀ ଆଶୁତୋଷ ଜେନା ପ୍ରକାଶ କରିଛନ୍ତି । ଉକ୍ତ ଗଞ୍ଜେଇ ଗଛ ପୋଡ଼ି କାର୍ଯ୍ୟରେ ମାଜିଷ୍ଟ୍ରେଟ ଭାବେ କ.ନୂଆଗାଁ ଅତିରିକ୍ତ ତହସିଲଦାର ବଦୁଆ ପ୍ରଧାନ ଯୋଗ ଦେଇଥିବା ବେଳେ ବାଲିଗୁଡା ଅବକାରୀ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା, ପୋଲିସ ଏସଆଇ ଅଶୋକ କୁମାର ତ୍ରିପାଠୀ, ବମାସନ୍ତୀ ବେହେରା, ଏଏସଆଇ ବାସୁଦେବ ପଣ୍ଡା ଓ ସୁରେନ୍ଦ୍ର ରାଉତଂସମ୍ବଳ ସମେତ ଅବକାରୀ ବିଭାଗ ଓ ଥାନାର ଅନ୍ୟ କର୍ମଚାରୀମାନେ ଗଞ୍ଜେଇ ଗଛ ପୋଡ଼ିବା କାର୍ଯ୍ୟରେ ସହଯୋଗ କରିଥିଲେ ।

ଗରଡ଼ା ପରିବାର ସଂଗଠନ ପରିବାରର ଜଣେ ସଦସ୍ୟଙ୍କୁ ବିବାହ ପାଇଁ ଆର୍ଥିକ ସହାୟତା ପ୍ରଦାନ

ପାପଡାହାଣ୍ଡି, ୧୭/୦୨ (ଆ.ପ୍ର) : ପରିବାରରେ ଭାଇଚାରା ଏବଂ ପରିବାରର ସହଯୋଗର ଏକ ଉଦାହରଣ ସ୍ଥାପନ କରି, ଗରଡ଼ା ପରିବାର ସଂଗଠନ ଅଂଚଳ ଗୁମା ଏହାର ଜଣେ ସଦସ୍ୟ, ବୁଧାକର ଗରଡ଼ାଙ୍କ ବିବାହ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲା । ସଂଗଠନର ଅଧିକାରୀମାନେ ଚାକଲି ଗ୍ରାମରେ ଥିବା ବାସଭବନକୁ ଯାଇଥିଲେ ଏବଂ ସହାୟତା ପରିମାଣ, ଯଥା ୩୭୭୦୦ ଟଙ୍କାର ଏକ ଚେକ୍‌ଦାନପତ୍ର ରାଶି ପ୍ରଦାନ କରିଥିଲେ । ସଂଗଠନର ପ୍ରତିଷ୍ଠାତା ଜୟ କୁମାର ଗରଡ଼ା କହିଛନ୍ତି, 'ଆମର ଲକ୍ଷ୍ୟ କେବଳ ଏକ ପରିବାର ସଂଗଠନ ଚଳାଇବା ନୁହେଁ, ବରଂ ଆବଶ୍ୟକତା କିମ୍ବା ସଙ୍କଟ ସମୟରେ ପରସ୍ପରର ପରିବାର ସହିତ ଠିଆ ହେବା ।' ଏହି ସହାୟତା ପରିବାରର ବୋଝକୁ ହାଲୁକା କରିଛି । ସମସ୍ତ ଗରଡ଼ା ପରିବାର ର ଏହି ପଦକ୍ଷେପ ପାଇଁ ସଂଗଠନକୁ ଗଭୀର କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ, ଏହି କାର୍ଯ୍ୟକର୍ମ ସମୟରେ ମୁଖ୍ୟ ସଂଗଠନ ସଭାପତି ଗରା ଗରଡ଼ା ଉପ-ସଭାପତି ଶ୍ରୀଧର ଗରଡ଼ା, ସମ୍ପାଦକ ଶାନ୍ତନୁ ଗରଡ଼ା, ଉପ-ସମ୍ପାଦକ ସୁରେଶ (ଶୁଭି) ଗରଡ଼ା, ପୁଲୁଷନମ ଗରଡ଼ା, ଲୋଖାଖଷ କୃଷ୍ଣ ଗରଡ଼ା, ଉପ - କୋଷାଧ୍ୟକ୍ଷ ରବିନ୍ଦ୍ର ଗରଡ଼ା, ପ୍ରସାରଣ ଲକ୍ଷ୍ମଣ ଗରଡ଼ା, ଅଣୁଣ ଗରଡ଼ା, ଦିବାକ ଗରଡ଼ା, କମୁନ୍ଦ୍ର ଗରଡ଼ା, ଅନାଲୁ ଗରଡ଼ା, ଧବା ଗରଡ଼ା, ଜୁନେସ ଗରଡ଼ା, ଡବିଏସ ଗରଡା, ସୁବାସ ଗରଡ଼ା, ଲକ୍ଷ୍ମଣ ଗରଡ଼ା, ସଜା ଗରଡ଼ା, ଧନଶ୍ୱେର ଗରଡା, ଜଗଦିଶ ଗରଡ଼ା, ମହିନା ସଂସ୍କାର କମିଟି ଇଛାବତି ଗରଡ଼ା, ସତ୍ୟବତୀ ଗରଡ଼ା, ପ୍ରିୟା ଗରଡ଼ା, ସୁଷିଲା ଗରଡ଼ା , ଶାନ୍ତିଲତା ଗରଡ଼ା ମିନାଷୀ ଗରଡ଼ା, ଚୁନି ଗରଡ଼ା, ସର ଗରଡ଼ା, ଅଞ୍ଜଳୀ ଗରଡ଼ା ଓ ଗରଡ଼ା ପରିବାର ଏବଂ ସଂଗଠନ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ପଦକ୍ଷେପକୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ବହୁତ ପ୍ରଶଂସା କରାଯାଇଛି ।

ବଣାଇଁ ବ୍ଲକର ୭ଟି କେନ୍ଦ୍ରରେ ୧୧୬୩ଜଣ ମାଟ୍ରିକ ପରୀକ୍ଷାର୍ଥୀ

ବଣାଇଁ, ୧୭/୦୨ (ଆ.ପ୍ର) : ଆସନ୍ତା ୧୯ ତାରିଖ ଠାରୁ ସମସ୍ତ ରାଜ୍ୟରେ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା । ଏଥିପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ସମସ୍ତ ବ୍ୟବସ୍ଥା କରିଥିବା ବେଳେ ଛାତ୍ରଛାତ୍ରୀ ମାନେ ମଧ୍ୟ ପରୀକ୍ଷା ଦେବାକୁ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି । ଏଥରେ ବଣାଇଁରେ ମଧ୍ୟମିକ ୧୧୬୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ବୋର୍ଡ ପକ୍ଷରୁ ବଣାଇର ରାଜା ଧରଣୀଧର ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ,ବଡ ଗୋଗୁଆ, ଜେନାଲୋଟା, ସ.ବଳାଙ୍ଗ, ବଲବପାଲି,ଗୁଣ୍ଡେ ୭ଟୋଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଏଥିପାଇଁ ରାଜା ଧରଣୀଧର ହାଇସ୍କୁଲରେ ନୋଡାଲ ସେଂଟର ଖୋଲା ଯାଇଛି । ଏହି ସ୍କୁଲରେ ପ୍ରଶ୍ନପତ୍ର ଜମା ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗ ରୁମରେ ରଖାଯିବ । ପରୀକ୍ଷା ଦିନ ସକାଳେ ପ୍ରଶ୍ନପତ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପଠାଯିବ । ପରୀକ୍ଷା ସୂଚାରୁ ଭାବେ କରିବା ପାଇଁ ରାଜାଧରଣୀଧର ହାଇସ୍କୁଲରେ ଆଜି ଏକ ଟ୍ରେନିଂ କାର୍ଯ୍ୟକ୍ରମ କରାଯାଇଛି । ଏଥିରେ ଶିକ୍ଷକ ମାନଙ୍କୁ ପରୀକ୍ଷା ପରିଚାଳନା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି । ପ୍ରଥମ ଦିନ ସକାଳ ୯ଟାରେ ପରୀକ୍ଷା ଥିବାବେଳେ ସକାଳ ୮ରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିବେ ଚଳିତ ବର୍ଷ ମଧ୍ୟ ସମସ୍ତ ପରୀକ୍ଷା କେନ୍ଦ୍ରରେ ନିଯୁକ୍ତ ରହିବେ ପର୍ଯ୍ୟବେକ୍ଷକ । ପ୍ରଶ୍ନପତ୍ର ଅସିଲା ପାଉ ପରୀକ୍ଷା ଗାରି ଉତ୍ତରଖାତା ଯିରା ପର୍ଯ୍ୟନ୍ତ ଟିକିନିଖି ତଦାରଖ କରିବେ । ରିଲିଫ, ପ୍ରଧାନଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଜରୁରେ ଏହି ଦାୟିତ୍ୱ ନ୍ୟସ୍ତ ରହିବ । କେବଳ ଏତିକି କୁହେଁ, ସେଂଟର ସୁପରିଟେଣ୍ଡେଣ୍ଟଙ୍କ ବ୍ୟତୀତ ପରୀକ୍ଷା ସମୟରେ ଅନ୍ୟ କେହି ବି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ନେଇପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

ଲୋଚାପଡାରେ ପଂଚାୟତରେ ଦ୍ୱିତିୟ ପର୍ଯ୍ୟାୟ ଅଭିଯୋଗ ଶୁଣାଣୀ

କୁକୁଡ଼ାଖଣ୍ଡି, ୧୭/୦୨ (ଆ.ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦ୍ୱିତୀୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲୋଚାପଡା ପଂଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି ଓ ସରପଂଚ ଏଲ୍ ମୋହନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ, ସମିତି ସଭ୍ୟ ଚଣ୍ଡୀ ଚରଣ ସାହୁ, ସହକାରୀ ଯବୀ ଅନୁରାଗ ରଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ଜିପିଡିଓ ଅଶୋକ ପଟ୍ଟନାୟକ, ଗୋଷ୍ଠୀ କୃଷି ଅଧିକାରି ସୁବ୍ରତ କୁମାର ବାରିକ, ବିପିସି ଖାରାମ ପଣ୍ଡା, ସାମାଜିକ ସୁରକ୍ଷା ମହାପାତ୍ର ମନୋଜ ପ୍ରଧାନଙ୍କ ସମେତ ବିଭିନ୍ନ ଲାଇନ୍ ବିଭ

ଦୈନିକ
ଆରମ୍ଭ
SEITHO ARAMBHA

ବୁଧବାର, ୧୮ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

କଳାହାଣ୍ଡିରେ ୟୁଜିସି ବିଲ ସପକ୍ଷରେ ମୂଳନୀବାସୀ ବହୁଜନ ସମାଜର ରେଲି ଓ ସାଧାରଣ ସଭା

ଭବାନୀପାଟଣା, ୧୭/୦୨ (ଆ.ପ୍ର) : ଆଜି ଭବାନୀପାଟଣା ଠାରେ କେନ୍ଦ୍ର ସରକାରଙ୍କ ୟୁଜିସି ବିଲ ସପକ୍ଷରେ କଳାହାଣ୍ଡି ମୂଳନୀବାସୀ ବହୁଜନ ସମାଜର ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦିଆଯାଇଥିଲା । ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତିଗତ ଭେଦଭାବ ଆଜିବି ରହିଛି । ପରିଣାମ ସ୍ୱରୂପ ଶିକ୍ଷାନୁଷ୍ଠାନ ମାନଙ୍କରେ ଅନେକ ଦଳିତ-ଆଦିବାସୀ ଛାତ୍ର ଛାତ୍ରୀ ଜୀବନ ହାରିବାର ଉଦାହରଣ ଆଜିବି ଦେଖା ଯାଉଛି । ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ସରକାର ଏହି ବିଲ ଅପିଶୁବାରୁ ଏହି ବିଲ ଉପରେ ସୁପ୍ରିମ କୋର୍ଟ ରୋକ ଲଗେଇବା ବହୁଜନ ସମାଜକୁ କ୍ଷୁବ୍ଧ କରିଛି । ତେଣୁ ମାନ୍ୟବର ସୁପ୍ରିମ କୋର୍ଟ ଏହି ରୋକ ହଟାଇବା ସହିତ କେନ୍ଦ୍ର ସରକାର ଏହି ଆଇନ କୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଆଜି ସଭାରେ ବକ୍ତା ମାନେ ଦାବୀ କରିଥିଲେ । ବିଳମ୍ବେ ସବୁ ବର୍ଗର ଛାତ୍ର ଛାତ୍ରୀ ପାଇଁ ସୁରକ୍ଷା ବିଷୟରେ କହିଥିବା ବେଳେ ଏହାର ମୂଳ ଉଦ୍ଦେଶ୍ୟକୁ ନ ବୁଝି ଷଡଯନ୍ତ୍ର କରି ଉଚ୍ଚ ବର୍ଗର ଲୋକ ମାନେ ଏହି ବିଲକୁ ବିରୋଧ କରିବା ଗଭଡେଷ ବିରୋଧୀ ବୋଲି ବକ୍ତା ମାନେ ମତ ଦେଇଥିଲେ । ସରକାର ସପକ୍ଷରେ ଆମେ ଅଛୁ । ତେଣୁ ଏହାକୁ ଶୀଘ୍ର ଲାଗୁ ଜରୁ । ନ ହେଲେ ଏହାର ବିରୋଧ କୁ ଆଗାମୀ ଦିନରେ ବରଦାସ୍ତ କରାଯିବ ନାହିଁ ବୋଲି ବକ୍ତା ମାନେ କହିଥିଲେ । ଆନ୍ଦୋଳନକାରି ମାନେ ମହିନା ମହାବିଦ୍ୟାଳୟ ଠାରୁ ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଏକ ରେଲିରେ ଆସି ଜିଲ୍ଲାପାଳ ଅଫିସ ସମ୍ମୁଖରେ ଏକ ସାଧାରଣ ସଭା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡିଶି ରାଜ୍ୟ ସଭାପତି ଶଙ୍କର ପାତ୍ର, ମୂଳନୀବାସୀ ବହୁଜନ ମିଳିତ ମହାସଂଘର ରାଜ୍ୟ ଉପ ସଭାପତି ପ୍ରବେଶୀ ବିଶ୍ୱାଳ, ନିଳାଗାଇ ଆଳାବ, କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ, ସିପିଆଇର ରାଜ୍ୟ ସମ୍ପାଦକ ଦାମୋଦର ବେହେରା, ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ, ଉପ ସଭାପତି ଅଳିକ ମଲ୍ଲିକ. ଜଗଦଲପୁର ଜିଲ୍ଲା ସଭାପତି ବିଶ୍ୱାମର ଲୁହାର, ମହାବଚିବ ଯତୀନ୍ଦ୍ର କର Apiro ରାଜ୍ୟ ସଂଯୋଜକ ଜଦିଲାଲ ନିଆଲ, ବିଏମପିର ରାଜ୍ୟ ସଭାପତି ମାଧବ ସୁନାନୀ, ଏସଏସସି ଏଫର ପୂର୍ବତନ ଜିଲ୍ଲା ସଭାପତି ଧନଞ୍ଜୟ ଦାସ, ମୂଳନୀବାସୀ ବହୁଜନ ମିଳିତ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦିଗମ୍ବର ଦୁରିଆ, ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ କମଳିନୀ ଯାଦବ, ବିଏସପି ଜିଲ୍ଲା ସଭାପତି ସୋମନାଥ ନାଏକ, ସମ୍ପାଦକ ସୁଜାତ ନାଏକ, ଭୀମ ଆର୍ମି ଜିଲ୍ଲା ସଭାପତି ରାଜନୀକାନ୍ତ ସମ୍ବଲିଆ, ଆଦିବାସୀ ସଂଘ ଉପ ସଭାପତି ବୃନ୍ଦାବନ ମାଝୀ, ଜଗବୀଶ ଯାଦବ, ଡାକେଶ୍ୱର ଲହଙ୍ଗଲ, ଜାଗବୀବନ କୁମାର, ବୃନ୍ଦାବନ ନାଏକ, ବ୍ରାସ ର ସୁରେଶ ମହାନନ୍ଦ, ଗୋଲାମୁଣ୍ଡା ର ମୁନିଆ ସିପକା, ରାମ ସେନାପତି, ଜାମପାଲ ସେଠୀ ଆଦି ଜୋକରରାଜ ଧରକେଶ୍ୱର ନାଗ, କୌଶିକ ଦୁରିଆ, କଳମପୁର ବ୍ଲକର ରଣ୍ଜି ସୁନା ଓ ବେଣୁଧର ଦୁର୍ଗା, ଧର୍ମଗଡ଼ର ଯଶୋବନ୍ତ ପାଣିଗ୍ରାହୀ, କାମେଶ ନାଗ, ଜୁଗାଗଡ଼ରୁ ରାଜାରାମ ଢୁଙ୍ଗରି, ଅଭିଜିତ ଜଗ, କେସିଙ୍ଗାରୁ ତ୍ରିନାଥ ନାଏକ, ଲୋକନାଥ ନାଏକ, ଦୁଖୀ କୁମାର, ଯୁଧିଷ୍ଠିର ଭଗତ, ସତ୍ୟାନନ୍ଦ ନାଗ ନର୍ଲାରୁ ଦୀପ, ରାମପୁର ରୁ ଡମାର ବର୍ଗର୍ତୀ, ଭବାନୀପାଟଣାରୁ ସୁଶୁଭ ସୁନା, ଲାଞ୍ଜିଗଡ଼ରୁ ମଧ୍ୟ ଅନେକ ଲୋକ ଉପସ୍ଥିତ ଥିଲେ । ଏହାଛଡ଼ା ତେଜରାଜ ବେହେରା, ବଳରାମ ଦୁର୍ଗା ଶ୍ରୀକାନ୍ତ ଛତ୍ରିଆ, ସୁନୀଲ ବିଶି, ପ୍ରମୋଦ ହଂସ, ଆଦିତ୍ୟ ହଂସ, କ୍ଷିରସିନ୍ଧୁ ବୋଡ଼କିଆ, ଜୟପ୍ରକାଶ ଜାଳ, ଉମରୁ କଣ୍ଡୁଆ, ଚକ୍ର ନାଏକ. ଆଦି ଶହ ଶହ ସମ୍ବିଧାନ ପ୍ରେମୀ ଯୋଗ ଦେଇଥିଲେ ।

ପ୍ରଦୂଷଣ ବିଭାଗ ଓ ପ୍ରଶାସନ ନିରବ ରହିଲେ ଭବିଷ୍ୟତରେ ବଣାଇଁ ଅଂଚଳ ବିଷାକ୍ତ ପରିବେଶ ମଧ୍ୟରେ ବିଲୁପ୍ତ ହୋଇଯିବ

ବଣାଇଁ, ୧୭/୦୨ (ଆ.ପ୍ର) : ବଣାଇଁ ଉପଖଣ୍ଡର ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଂଚାୟତ ଅଧିନସ୍ଥ ଥିବା ବି ଆର୍ ସଙ୍କ ଆଣ୍ଡ ପାଣ୍ଡାଗ ପ୍ରାଇଭେଟ ଲିମିଟେଡ କାରଖାନାରୁ ପ୍ରତ୍ୟେକ ଦିନ ଦିନ ଦ୍ୱିପ୍ରହରରେ ବେଧିତ୍ରଣ ଭାବେ କଳା ଧୂଆଁ ଛାଡୁଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଦିନ ଜଣ ରାତି କଣ ଲଛା ହେଲେ ନିର୍ଦ୍ଧିୟରେ ଏତେ ପରିମାଣରେ କଳା ଧୂଆଁ ଛାଡୁଛନ୍ତି ଯାହା ଫଳରେ ସବୁଦିନ ବାୟୁମଣ୍ଡଳ ମେଘୁଆ ଦେଖାଯାଉଛି । ପ୍ରତ୍ୟେକ ଦିନ ବୃଷ୍ଟି ଧୂଆଁ ଛାଡୁଥିବାରୁ ଅଂଚଳରେ ଥିବା ଘର ଦ୍ୱାର, ଚାଷଜମି, ପନିପରିବା, ନଦୀନାଳ, ପୋଖରୀ ଆଦିରେ କଳା ଗୁଣ୍ଡ ପଡ଼ି କଳା ଆସ୍ତରଣ ପଡୁଛି । କାରଖାନା କତୃପକ୍ଷ ପ୍ରଦୂଷଣ ବିଭାଗକୁ ଭୟ କରୁଛନ୍ତି ନା ସ୍ଥାନୀୟ ପ୍ରଶାସନ ବିଭାଗର ନିୟମକୁ ମାନୁଛନ୍ତି । କାରଖାନା କତୃପକ୍ଷ ସରକାରୀ ନିୟମକୁ ବେଖାତିର କରି ବେଧତ୍ରଣ ଭାବେ କଳା ଧୂଆଁ ଛାଡୁଛନ୍ତି । ଲୋକଙ୍କ ଅଭିଯୋଗ ହେଲା ସଙ୍କ କାରଖାନାର ମାଲିକ ଅଧିକ ମୁନାଫା ପାଇବା ପାଇଁ ପ୍ରଦୂଷଣ ମୁକ୍ତ ମିସିନକୁ ବନ୍ଦ କରି ବିଷାକ୍ତ ଧୂଆଁ ଛାଡୁଛି । ଏବେ ଅଂଚଳରେ ହେଉଥିବା ପନିପରିବା ଚାଷ ଉପରେ କଳା ଆବରଣ ପଡୁଥିବାରୁ ଚାଷୀଙ୍କ ଫସଲ ଖାଇବାକୁ ଆଶଙ୍କା ଦେଖାଦେଇଛି । ଚାଷୀଙ୍କ ପରିବା ଜାତୀୟ ଜିନିଷରେ କଳା ବାଗ ପାଇଁ ବିକ୍ରି ହେଉପାରୁନାହିଁ । ଏହି କଳାଧୂଆଁ ଯୋଗୁଁ କାରଖାନାକୁ ଲାଗି ରହିଥିବା ଗ୍ରାମ ଗମଲେଇ, ଶଙ୍କଧାପୁର, ଅର୍ଜେଇକଳା, ରାଜାମୁଣ୍ଡା ଆଦି ଗ୍ରାମ ଗୁଡିକରେ ଲୋକଙ୍କୁ ଏବେ କିଡ଼ନୀ ରୋଗ ଗାରେ ଦିଇଗଲା କାୟା ବିସ୍ତାର କରିସାରିଛି । ଶହଶହ ଲୋକେ ଏବେ କିଡନୀ ରୋଗରେ ଆକ୍ରାନ୍ତ । ଏହି ପରିମାଣ ରେ ଯଦି କଳା ଧୂଆଁ ଆଗାମୀ ସମୟ ପର୍ଯ୍ୟନ୍ତ ଜାରିରହିବ ତେବେ ସମୟ ଆସିବ ଅଂଚଳରୁ ଜନଜୀବନ, ପରିବେଶ ବିଲୁପ୍ତ ହୋଇଯିବ ଏଥିପାଇଁ ତିଳେ ମାତ୍ର ସନ୍ଦେହ ନାହିଁ । ତେଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ପ୍ରଦୂଷଣ ବିଭାଗ ତତ୍ପର ହେଉଛି ଏହି କାରଖାନାକୁ କିପରି କଳା ଧୂଆଁ ବନ୍ଦ ହେବ, ଅମାନିଆ କାରଖାନା ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବା ପାଇଁ ସ୍ଥାନୀୟ ଜନ ସାଧାରଣରେ ଦାବି କରିଛନ୍ତି ।

ନୂଆପଡ଼ାରେ ଜିଲ୍ଲା ପରିବେଶ ନିରୀକ୍ଷଣ ସମିତି ବୈଠକ ଅନୁଷ୍ଠିତ

ନୂଆପଡ଼ା, ୧୭/୦୨ (ଆ.ପ୍ର) : ନୂଆପଡ଼ା ଜିଲ୍ଲାରେ ତୃତୀୟ ଜିଲ୍ଲା ସ୍ତରୀୟ ପରିବେଶ ନିରୀକ୍ଷଣ ସମିତି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଚ୍ଚିବାଳୟ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବଲାଙ୍ଗୀର ଶାଖା ଅଂଚଳିକ ଅଧିକାରୀ ଓ ପରିବେଶ ଯାତ୍ରୀ ବବିତା ସିଂଙ୍କ ଆହାନକର୍ତ୍ତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ସମସ୍ତଙ୍କୁ ସ୍ୱାଗତ କରି ଶ୍ରୀମତୀ ସିଂ ଗତ ଜିଲ୍ଲା ସ୍ତରୀୟ ପରିବେଶ ନିରୀକ୍ଷଣ ସମିତି ବୈଠକରେ ଆଲୋଚିତ ବିଭିନ୍ନ ବିଷୟରେ ସମ୍ବନ୍ଧିତ ବିଭାଗମାନଙ୍କ ଦ୍ୱାରା ଗୃହୀତ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଯେ, କୋମନା ଅଂଚଳରେ ଷ୍ଟୋନ୍ କ୍ରସର ଇଉନିଟ୍ ଗୁଡ଼ିକର ସଂଯୁକ୍ତ ନିରୀକ୍ଷଣ ଏସପିସିବି ତଲାଙ୍ଗୀର ଓ ଖଣି ବିଭାଗ ପକ୍ଷରୁ କରାଯାଇଛି । ସେହିପରି ଜିଲ୍ଲାର ରାଇସ୍ ମିଲ୍‌ଗୁଡ଼ିକର ନିୟମିତ ଯାଂଚ କରାଯାଇ ନିୟମ ଲଙ୍ଘନ କରୁଥିବା ମିଲ୍ ଗୁଡ଼ିକ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଏହା ସହିତ ନୂଆପଡ଼ା ଓ ଖରିଆର ରୋଡ୍ ଅଂଚଳରେ ଡାଲୁଥିବା ଧୂଳି ଦୂରୀକରଣ ଗୁଡ଼ିକର ନିରୀକ୍ଷଣ ମଧ୍ୟ ଏସପିସିବି ବଲାଙ୍ଗୀର ଶାଖା ଅଂଚଳିକ ଅଧିକାରୀ ଓ ପରିବେଶ ଯାତ୍ରୀ ବବିତା ସିଂଙ୍କ ପକ୍ଷରୁ ସମ୍ପୂର୍ଣ୍ଣ କରାଯାଇଛି । ପରେରାଣ ଡ୍ୟାମ୍, ଡିଖାଲି ଡ୍ୟାମ୍ ସହ ବିଭିନ୍ନ ପିକନିକ୍ ସ୍ଥଳରେ 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଗୁଡ଼ ପିକନିକ୍ ସ୍ପଟ୍' ସନ୍ଦେଶ ସହ ସାମୁହିକ ସଫାଇ ଅଭିଯାନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ବୈଠକକୁ ସମ୍ବୋଧିତ କରି ଜିଲ୍ଲାପାଳ କହିଲେ ଯେ, ପ୍ରଦୂଷଣ ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଜାରି ରହିବ । ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବା ପାଇଁ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ଆବଶ୍ୟକ । ସେ କହିଲେ ' ଗାଁ ପରିମନ ଗାଁ ମୁସ୍ତରୁ' । ଏଥିପାଇଁ ଗ୍ରାମାଂଚଳରେ ପରିବେଶ ସ୍ୱଚ୍ଛତା ରକ୍ଷା ପାଇଁ ସମଗ୍ର ଜିଲ୍ଲାରେ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ଅଭିଯାନ ତୀବ୍ର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଆସନ୍ତା ୨୦ ତାରିଖରେ ଫୁଲିସ୍ ଗ୍ରାଉଣ୍ଡରେ 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍‌କୁ ନା' ବିଷୟବସ୍ତୁ ଉପରେ 'ରାହାଗିରି' କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲ୍ଲାପାଳ ପ୍ରସ୍ତାବ ଦେଇଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ଧନେଶ୍ୱର ସେଠୀ, ଏସଡିପିଓ ମାର୍ଶୀ ରାଣୀ ମୂର୍ତ୍ତୀ, ଜିଲ୍ଲା ଶିକ୍ଷ କେନ୍ଦ୍ର ଜେନେରାଲ ମ୍ୟାନେଜର ସମୀର ମୁଦୁଲି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏମଙ୍କେ ହେମ୍ବମ, ଆର୍ ଟି ଓ ଶମିଲା ମହାରଣା, ପର୍ଯ୍ୟ ଏନ୍ ଜି ଓ ନିର୍ଦ୍ଦେଶକ ରୁଦ୍ର ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଆସିଷ୍ଟାଣ୍ଟ ପରିବେଶ ଇଞ୍ଜିନିୟର ତରଣ୍ଣ ଏମ୍ ମୁର୍ମୁ, ଏନ୍ ଏ ସି ନୂଆପଡ଼ା ଜି ଓ ,ସବୁପ କୁମାର ଚେତ୍ରକାର ,ଏନ୍ ଏ ସି ଖରିଆର ରୋଡ ଜି ଓ, କମଳାସନ ରଥ ଜି ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଜୟନ୍ତୀ ସମାରୋହ

ଟାଙ୍ଗୀ ଟୌଦ୍ୱାର, ୧୭/୦୨ (ଆ.ପ୍ର) : ଟାଙ୍ଗୀ ଆନା ଅଧୀନ ମଶିଆପୁର ଡିଏଭି ପବ୍ଲିକ ସ୍କୁଲରେ ଆର୍ଯ୍ୟସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । ଅଧଶ୍ରା ଦିନେହିଦିନ ଦାଶଙ୍କ ପୌରୋହିତ୍ୟରେ ଶ୍ରୁତି ପାଠିକା, ବେଦଧାମ ଭସ୍ମମ୍ମା, କଟକର ବିଶିଷ୍ଟ ବାନପ୍ରସ୍ଥି ଶ୍ରୀବସ ପାଣିଗ୍ରାହୀ ଯୋଗ ଦେଇ ସିବିଏସସି ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ସଫଳକାମନା ଉଦ୍ଦେଶ୍ୟରେ ଆଧାତ୍ମିକ ପରିବେଶ ମଧ୍ୟରେ ଏକ ପବିତ୍ର ଅଗ୍ନିହୋତ୍ର ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିବା ସହ ଆଶୀର୍ବଚନ ପ୍ରଦାନ କରିଥିଲେ । ସେ ଅଗ୍ନିହୋତ୍ର ଯଜ୍ଞ, ଜୀବନର ପ୍ରକୃତ ଅର୍ଥ ଇତ୍ୟାଦି ଗୁରୁତତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାର୍ଥୀମାନେ ପରୀକ୍ଷା ନିମନ୍ତେ ମନୋବଳ ଦୃଢ଼ କରିବା ସହ ଏକାଗ୍ରତା ରକ୍ଷା କରିବା ନିମନ୍ତେ ଅଧଶ୍ରା ସମସ୍ତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମଟିକୁ ସଫଳ କରିବା ପାଇଁ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

ଯାଜପୁର ସଦର ଥାନାରେ କର୍ମଚାରୀ ଅଭାବ, ବିଗୁଡ଼ୁଛି ଆଇନ୍ ଶୃଙ୍ଖଳା ପରିସ୍ଥିତି

ଯାଜପୁର, ୧୭/୦୨ (ଆ.ପ୍ର) : ଯାଜପୁର ଜିଲ୍ଲା ସଦର ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ସଦର ଅଂଚଳରେ ଦିନକୁ ଦିନ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗୁଡ଼ୁଥିବା ଦେଖିବାକୁ ମିଳୁଛି । ଜୌଗଳିକ ଅବସ୍ଥିତି ଅନୁଯାୟୀ ୧୮ ଗୋଟି ପଂଚାୟତର ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିପଦ ହେବାର ମୁଖ୍ୟ କାରଣ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବା । ସଦର ଥାନା ରେ କେବଳ ଆଇଆଇସି ଥିବାବେଳେ ଦୁଇଗୋଟି ଏସ ଆଇ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି । ୫ ଜଣ ଏ ଏସ ଆଇଙ୍କ ମଧ୍ୟରୁ ଜଣଙ୍କର ଅନ୍ୟତ୍ର ବଦଳି ହୋଇଥିବା ଜଣାପଡିଛି । ୧୦ ଜଣ କନେଷ୍ଟବଳ ମଧ୍ୟରୁ ୯ ଜଣ ଅଛନ୍ତି । ୧୩ ଜଣ ହୋମଗାର୍ଡ ଆବଶ୍ୟକ ଥିବାବେଳେ ୯ ଜଣ ଅଛନ୍ତି । ସଦର ଅଂଚଳରେ ଦିନକୁ ଦିନ ଚୋରି, ରାହାଜାନୀ, ଛିନ୍ ତାଇ, ଚୋରା ମାଦକ ଦ୍ରବ୍ୟର ବ୍ୟବସାୟ, ଗୋ ମାଂସିଆ, ଲଗୁ ଖଣିଜ ପଦାର୍ଥର ଚୋରାଚାଲାଣ ଚାଲିଥିବା ଜଣାପଡିଛି । ଏ ସବୁକୁ ଦୃଷ୍ଟିରେ ରଖି ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ ନିମନ୍ତେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

ଶିବ ମନ୍ଦିର ସମ୍ମୁଖରୁ ବାଇକ ଚୋରୀ ଅଭିଯୋଗ

ଖଣ୍ଡପଡ଼ା, ୧୭/୦୨ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକର ଶିଖରପୁର ପଂଚାୟତ ଅଧୀନ ବରପଲ୍ଲୀ ଗ୍ରାମସ୍ଥିତ ଶିବ ମନ୍ଦିର ସମ୍ମୁଖରୁ କେହି ଲୁଟେରା ମହାଶିବରାତ୍ରୀ ଦିନ ଏକ ବାଇକ ଚୋରୀ କରି ନେଇଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି । ଖଣ୍ଡପଡ଼ା ନିକଟସ୍ଥ କୁଞ୍ଜବିହାରୀ ଗ୍ରାମର ବ୍ୟାଙ୍କ କର୍ମଚାରୀ ବିଶ୍ୱାସ କୁମାର ସ୍ୱାଇଁ ବାଇକ ଯୋଗେ ମହା ଶିବରାତ୍ରୀ ଦିନ ଭକ୍ତ ମନ୍ଦିରକୁ ଯାଇଥିଲେ । ମନ୍ଦିର ବାହାରେ ବାଇକ ରଖି ମନ୍ଦିର ପରିସରରେ ପୂଜା କରିଥିଲେ । ବିଳମ୍ବିତ ରାତିରେ ମନ୍ଦିରରୁ ବାହାରି ଘରକୁ ଫେରିବା ବେଳେ ଦେଖିବାକୁ ପାଇଲେ କେହି ଲୁଟେରା ତାଙ୍କ ବାଇକଟିକୁ ଚୋରୀ କରି ନେଇଛି । ଆଖପାଖ ଅଂଚଳରେ ଖୋଜାଖୋଜି କରି ବାଇକଟିକୁ କେଉଁଠାରେ ନ ପାଇବା ପରେ ବିଶ୍ୱାସ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ ହେଁ ବାଇକ ଚୋରୀ ସମ୍ପର୍କରେ କୌଣସି ଚେର ପାଇ ପାରିନାହିଁ । ଚୋରୀ ହୋଇଥିବା ହିରୋ ଏଚଏଫ ଡିଲକ୍ସ ବାଇକ ଟି ଇଷତ କଳା ରଙ୍ଗର ବୋଲି ଜଣାପଡିଛି ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, ୧୭/୦୨ (ଆ.ପ୍ର) : ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଚିବାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୧୧୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୬ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୮ ଟି, ଆଦାୟ ଯୋଜନା ସମ୍ପର୍କୀୟ ୧୨ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୫ ଟି, ପେନ୍ସିନ ସହାୟତା ପାଇବା ପାଇଁ ୫ ଟି, ପୋଲିସ ସହାୟତା ପାଇବା ପାଇଁ ୪ ଟି ଏବଂ ଅନ୍ୟାନ୍ୟ ୨୫ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ସମିତ କୁମାର ରାଉତ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ କେଠୋ,ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜୀତ୍ୟା ମାଣେ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ ।

ବେଲଘର ରେଞ୍ଜରେ ହାତୀ ମୃତ୍ୟ

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୧୮ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

'ନାଟ୍ୟ ବିଭୂଷଣ' ସମ୍ମାନରେ ସମ୍ମାନିତ ହେଲେ ଅଧ୍ୟାପକ ଗୋପାଳ ମହାରଣା

ଝରିଗାଁ, ୧୭/୦୨ (ଆ.ପ୍ର) : ଜଣେ ଛାତ୍ର ସମ୍ବଲ, ସୁବକ୍ତା, ଗବେଷକ, ଔପନ୍ୟାସିକ, ଭାଷାବିତ୍ ତଥା ସୃଜନଶୀଳ ନାଟ୍ୟକାର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତିତ୍ୱ ହେଉଛନ୍ତି ଅଧ୍ୟାପକ ଗୋପାଳ ମହାରଣା । ସଂପ୍ରତି ଝରିଗାଁ ମହାବିଦ୍ୟାଳୟ, ଝରିଗାଁରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ ଶ୍ରୀ ମହାରଣା ନିଜର କୃତି ଓ କୃତିତ୍ୱ ପାଇଁ ସାହିତ୍ୟ ଜଗତରେ ବେଶ୍ ପରିଚୟ ସୃଷ୍ଟି କରିପାରିଛନ୍ତି । ଅତିଶୀଘ୍ର ଊର୍ଦ୍ଧ୍ୱ ନାଟକ, ଫଟଟି ପାଟା ପୁଅଳ, ତିନୋଟି ଉପନ୍ୟାସ, ବହୁ ଗ୍ରନ୍ଥ, ଜମିପରିବେଶ, ପ୍ରବନ୍ଧ ଓ ଶତାଧିକ କବିତା ରଚନା କରି ସେ ସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତି । ଜଣେ ସଫଳ ନାଟ୍ୟକାର ଭାବେ ଗୁମାନୀ ଅର୍ଜନ କରିଥିବା ଶ୍ରୀ ମହାରଣା ବହୁବାର ବିଭିନ୍ନ ଅନୁଷ୍ଠାନରୁ 'ଶ୍ରେଷ୍ଠ ନାଟ୍ୟକାର' ଭାବେ ସମ୍ମାନିତ ହୋଇଛନ୍ତି । ନାଟ୍ୟଜଗତରେ ଉଜ୍ଜ୍ୱଳ ଚାରକା ଭାବେ ବର୍ତ୍ତମାନ ସୁଦୂରରେ ଗ୍ରାମ ପଞ୍ଚାୟତ ବିଶିଷ୍ଟ ନାଟ୍ୟକାର ଗୋପାଳ ମହାରଣାଙ୍କ ପତ୍ନୀ ମୁକ୍ତିରାଣୀ ମହାରଣା ମଧ୍ୟ ଜଣେ ମହିଳା ମଂଚ ନାଟକ ନିର୍ଦ୍ଦେଶିକା ଭାବେ ପରିଚିତ । ଏକମାତ୍ର କନ୍ୟା ସାଜ ଅନୁଷ୍ଠା ମହାରଣା ମଧ୍ୟ ଜଣେ ଶ୍ରେଷ୍ଠ ଶିଶୁ କଳାକାର ଭାବେ ପରିଚୟ ସୃଷ୍ଟି କରିଛନ୍ତି । ଅଷ୍ଟମ 'ବିଦ୍ୟାଳୟର ନାଟ୍ୟ ବର୍ଣ୍ଣତି 'ଭାବେ ସମ୍ମାନିତ ପାଇବାର ଗୌରବ ଅର୍ଜନ କରିଛନ୍ତି । ସଂପ୍ରତି ଗଞ୍ଜାମ ଜିଲ୍ଲାର ଅଗ୍ରଣୀ ପ୍ରତିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ, କଳେଜରୁ, ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଆନୁକୂଲ୍ୟରେ ଆୟୋଜିତ ଏକ ବିଦ୍ୟାସୀୟ ଜାତୀୟ ସଂପ୍ରାନ୍ତ ଶ୍ରୁତିଆସରରେ ଅଧ୍ୟାପକ ଗୋପାଳ ମହାରଣାଙ୍କ ସାମଗ୍ରିକ ନାଟ୍ୟକୃତି ତଥା ସାରସ୍ୱତ ପ୍ରତିଭାକୁ ବିଶେଷ ସମ୍ମାନ ପ୍ରଦର୍ଶନ ପୂର୍ବକ ତାଙ୍କୁ 'ନାଟ୍ୟ ବିଭୂଷଣ' ସମ୍ମାନରେ ସମ୍ମାନିତ କରାଯାଇଛି । ବିଭାଗୀୟ ଅଧ୍ୟାପକ ସିଲୁ ମଲିକ ଓ ସାମାଜିକ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଜାତୀୟ ସଂପ୍ରାନ୍ତରେ ବହୁ ଗବେଷକ ଭାଷାବିତ୍, ଯୋଗଦେଇଥିବା ପୁଜେ ଅଧ୍ୟାପକ ସାମାଜିକ ପ୍ରଧାନ ଏବଂ ଅଧ୍ୟାପିକା ମୁକ୍ତିରାଣୀ ମହାରଣା 'ନାଟ୍ୟକାର ଗୋପାଳ ମହାରଣାଙ୍କ ନାଟକରେ ସାମ୍ପ୍ରତିକ ଜୀବନ ଚିତ୍ର ସଂପର୍କରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଜଣେ ଯୋଗ୍ୟ ନାଟ୍ୟ ବ୍ୟକ୍ତିତ୍ୱଙ୍କୁ 'ନାଟ୍ୟ ବିଭୂଷଣ 'ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ସମସ୍ତେ ଭାଷା ଓ ସାହିତ୍ୟ ବିଭାଗକୁ ସାଧୁବାଦ ଜଣାଇବା ସହିତ ଶ୍ରୀଯୁକ୍ତ ମହାରଣାଙ୍କୁ ଶୁଭେଚ୍ଛା ପ୍ରକାଶ କରିଥିଲେ । ନବତରଙ୍ଗପୁର ଜିଲ୍ଲାରେ ଏହି ଶୁଭ ଖବର ପାଂଚଦିନ ପରେ ଚାରିଆଡୁ ଶୁଭେଚ୍ଛାର ଗୁଞ୍ଜ ଛୁଟିଛି ।

ଜାଗର ଯାତ୍ରା ଉପଲକ୍ଷେ ମଂଚସ୍ଥ 'କହିବାକୁ ଲାଜ -ଶୁଣିଲେ ପାପ'

ଦଶପଲ୍ଲା, ୧୭/୦୨ (ଆ.ପ୍ର) : ଦଶପଲ୍ଲା ବ୍ଲକ ଭୋଗବାଡ଼ି ପଂଚାୟତର ଆରାଧ୍ୟ ଠାକୁର ବାବା ଭୋଳେଶ୍ୱର ଜାଗର ଯାତ୍ରା ପାଇଁ ୨ ଦିନ ଧରି ଜାଗର ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଥିଲା । ଜାଗର ଯାତ୍ରା ଉତ୍ସବର ଦ୍ୱିତୀୟ ଦିବସରେ ବାବା ଭୋଳେଶ୍ୱର ଜାଗର ଯାତ୍ରା କମିଟି ଓ ଜନ କଲ୍ୟାଣ ଯୁବକ ସଂଘ ଆନୁକୂଲ୍ୟରେ, ମା ବାଉଦେଶି ଯୁବନାଟ୍ୟ ସଂଘ ଦ୍ୱାରା ୫ ୨ତମ ଅବଦାନ ରେ ଏ ବର୍ଷର ନୂତନ ସାମାଜିକ ନାଟକ 'କହିବାକୁ ଲାଜ ଶୁଣିଲେ ପାପ' ମଂଚସ୍ଥ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲୟେଜ ସାହୁ, ମୁଖ୍ୟବକ୍ତା ଭାବେ ବିଜେଡ଼ି ବ୍ଲକ ସଭାପତି ଅରୁଣ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଭୋଗବାଡ଼ି ପଂଚାୟତ ସରପଂଚ ନିର୍ମଳା ସାହୁ, ନଛିପୁର ପଂଚାୟତ ସମିତି ସଭ୍ୟ ପଦ୍ମଚରଣ ପ୍ରଧାନ, ଡିହଗାଁ ପଂଚାୟତ ସମିତି ସଭ୍ୟ ଧ୍ରୁବଚରଣ ପ୍ରଧାନ, ସରିଗଣ୍ଡା ପଂଚାୟତ ସମିତି ସଭ୍ୟ ଅମିୟ ନାୟକ, ବିଜୁପ୍ରସ କୁମାର ସାହୁ , ଭୋଗବାଡ଼ି ଗ୍ରାମର ସଭାପତି କବିରାଜ ଖୁଣ୍ଟିଆ , ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କମିଟିର ଉପଦେଷ୍ଟା ବସନ୍ତ କୁମାର ପାତ୍ର, କମିଟିର ମୁଖ୍ୟ ସହଯୋଗୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମାଜ ସେବୀ ବିଶ୍ୱଂଭି ନାରାୟଣ ସାହୁ ମଂଚ ପରିଚାଳନା କରିଥିଲେ । ସେହିଭଳି ଦଶପଲ୍ଲା ବ୍ଲକ ଟାକରା ଅଂଚଳର ଯୁବକମାନେ ନାଟକ ପରିବେଶଣ କରି ଆସୁଥିବା ଅନୁରୂପ ଭାବେ ଚଳିବର୍ଷର ନାଟକ ପରିବେଶଣ କରିବା ପାଇଁ ନାଟକ ପରିବେଶଣ କରିଥିଲେ । ଏଥିରେ ଅଭିନୟ କରିଥିଲେ ପ୍ରିୟକୁମ ଆଚାର୍ଯ୍ୟ, ସିଦ୍ଧାର୍ଥ ମୁଦୁଲି ଅଭିନୟ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ଭୁତ ନାୟକ, ଶ୍ରୀଧର ମୁଦୁଲି, ବିଜୁ ରାଜକିର ମିଶ୍ର, ମାନସ ପରିଡ଼ା, ବିଜୁ ବଳବେହେରା, ସନ୍ତୋଷ କୁମାର ସାହୁ, ଶିବାନନ୍ଦ ସାହୁ,ଚନ୍ଦ୍ର ଶେଖର ନାୟକ, ବ୍ରଜ କିଶୋର ମହାପାତ୍ର, ପିନା ସାହୁ, ପ୍ରମୋଦ ପ୍ରମୁଖ ଅଭିନୟ କରିଥିଲେ ।

ଇଶାଣେଶ୍ୱର ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା



ଜଗତସିଂହପୁର, ୧୭/୦୨ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଣ୍ଠମମାଗଣ୍ଡାସ୍ଥିତ ଇଶାଣେଶ୍ୱର ମନ୍ଦିର ସମ୍ମୁଖରେ ଇଶାଣେଶ୍ୱର ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଜାଗର ଯାତ୍ରା ଅବସରରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ତଥା ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଖାଇରଣ୍ଡ ଗ୍ରାମ ପଂଚାୟତ ସରପଂଚ ଲିପକ କୁମାର ସାହୁ ଯୋଗ ଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ଦେବାଂଶୀ ରାୟ ପ୍ରଥମ, ନିରଜା ରାଉତ ଦ୍ୱିତୀୟ, ଆଜସ୍ୱିନଙ୍କ ପତି ତୃତୀୟ ହୋଇଥିବାବେଳେ ଗ୍ରୁପ ନୃତ୍ୟରେ ଲକ୍ଷ୍ମୀଧର ପ୍ରଧାନ, ସଙ୍ଗୀତ ଗୁରୁ ଅଶୋକ କୁମାର ମହାନ୍ତି ଏବଂ ନୃତ୍ୟ ଶିକ୍ଷୟତ୍ରୀ ଲାଗ୍ୟଶ୍ରୀ ଲାଜୁନଙ୍କୁ ଯୋଗଦାନ କରି ସୁଗାଢ଼ୁ ରୂପେ ନିଜର ଦାୟିତ୍ୱ ନିର୍ବାହ କରି ନୂତାନ୍ତ ପଂଚ ଘୋଷଣା କରିଥିଲେ । ଅରୋମାରୀ ଚ୍ୟାମ୍ପ୍ ଗ୍ରୁପ ପ୍ରଥମ ଏବଂ ଷାଲଲିସ ଷାର ଦ୍ୱିତୀୟ ହୋଇଥିଲେ ଓ କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସମ୍ପାଦକ ପ୍ରବୀଣ୍ କିଶୋର ସାହୁ, ସଭ୍ୟ ଅଭୟ କୁମାର ମୁଦୁଲି ସୁଚେତ୍ରା କୁମାର ସାହୁ, ପ୍ରେମ କିଶୋର ସାହୁ, ଜିତେନ୍ କୁମାର ରାଉତରାୟ, ପ୍ରଭାତ କୁମାର ସାହୁ, ଶୁଭିସ୍ମିତା ବର୍ଣ୍ଣ, ଅଞ୍ଜଳା ମଲ୍ଲିକ୍ ଆଦି ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

ବରପାଟଣା ବାଙ୍କନିଧିଦେବଙ୍କ ପୀଠରେ ପବିତ୍ର ଜାଗର ଅନୁଷ୍ଠିତ

ଚିଲିକା/ବାଣପୁର ,୧୭/୦୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ, ବାଣପୁର ନାଲୁଣୀ ସମେତ ସମସ୍ତ ଶୈବ ପୀଠ ମାନଙ୍କରେ ଶ୍ରଦ୍ଧାଳୁ ବ୍ରତ ଧାରୀମାନେ ମହାଆନନ୍ଦରେ ମାନସିକ ରଖିଥିବା ଶିବମନ୍ଦିର ମାନଙ୍କରେ ରାତ୍ର ଜାଗରେ ରହି ଦୀପ ଜାଳିଛନ୍ତି । ବାଣପୁର ବ୍ଲକ ସମ୍ବାରୀ ମୁଣ୍ଡା ଜିକଟ ବରପାଟଣା ପୀଠରେ ଶ୍ରୀଶ୍ରୀ ବାଙ୍କନିଧି ଦେବଙ୍କ ପୀଠରେ ଦୁଷ୍ଟି ସରୋଜ କୁମାର ପ୍ରଧାନଙ୍କ ପୁରୋଧାରେ ମନ୍ଦିର ପରିସରରେ ହୋମ କରାଯାଇ ମହାଦୀପ ପ୍ରସ୍ତୁତ କରାଯାଇଥିଲା । ପଣ୍ଡିତ ବିଜୟ କୁମାର ଦାଶ, ସୁଶାନ୍ତ କୁମାର ତ୍ରିପାଠୀ, ଚିତରଞ୍ଜନ ଦାଶ ପ୍ରମୁଖ ୫ଜଣ ବ୍ରାହ୍ମଣ ପଣ୍ଡିତ ବେଦ ପାଠ ସହ ହୋମରେ ଆହୁତ ପ୍ରଦାନ ପରେ ଜାଗର ମାଙ୍ଗଳିକ ବାଜନିଧି ଦେବଙ୍କର ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଏହି ପବିତ୍ର ଜାଗର ଯାତ୍ରାରେ ଦୁଷ୍ଟି ସରୋଜ ପ୍ରଧାନଙ୍କ ସଂଗଠନ ବରପାଟଣା ଗ୍ରାମ କମିଟି, ଯୁବକ ସଂଘ ଏବଂ ଅଂଚଳର ବହୁ ବୁଦ୍ଧିଜୀବୀଙ୍କ ସହଯୋଗରେ ପ୍ରସ୍ତୁତ ଜାଗର ପର୍ବ ବହୁ ଶ୍ରଦ୍ଧାଳୁଙ୍କ ସମାଗମରେ ଅନୁଷ୍ଠିତ ହୋଇଥିଲା । ବାଲୁଗାଁର ଲକ୍ଷ ଦେବ ଜମା ମହେଶ୍ୱର, ଧୂଳୀଜି /ଭୋଗଡୀ ମଧ୍ୟ ଭାଗରେ ଥିବା ବାବା ଧବଳେଶ୍ୱର, ସିଂହେଶ୍ୱର ଗ୍ରାମରେ ଥିବା ପଶ୍ଚିମା ଶିମୁଖୀ ଶ୍ରୀ ଶ୍ରୀ ସିଦ୍ଧନାଥ ଦେବ, ବାଣପୁର ପୁରିଙ୍କ ଦକ୍ଷ ପ୍ରଜାପତି ମନ୍ଦିର, ଛେଟେଶ୍ୱର ଗ୍ରାମପାରେ ବାବା ଛେଟିନାଥ ଦେବ, ବଡକୁଳ ପଂଚାୟତ ଅଧୀନ ରାମେଶ୍ୱର ପୀଠ, ଆଂଗୁଲାଟେ ପାରେ ବାବା ବାଲୁଙ୍କେଶ୍ୱର ଦେବ, କଇଡ଼ି ଖଣ୍ଡି ପାରେ ବାବା ନୀଳକଣ୍ଠେଶ୍ୱର, ହରିପୁର ପାରେ ବାବା ପ୍ରତାପେଶ୍ୱର ଦେବଙ୍କ ପାରେ ବହୁ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଭକ୍ତି ମୟ ଭାବାବେଗ ମଧ୍ୟରେ ମନ୍ଦିର ମଧ୍ୟରେ ଦୀପ ଜାଳି ମାନସିକ ପୂରଣ ନିମନ୍ତେ କୃତାଭିଷା କରିଥିଲେ । ସମସ୍ତ ଶିବ ପୀଠ ମାନଙ୍କରେ ରାତ୍ରରେ କମିଟି ମାନଙ୍କର ନିର୍ଦ୍ଧାରିତ ସମୟ ମଧ୍ୟରେ ଭଜନଙ୍କ ହରିବୋଲ, ହୁଳହୁଳି ନାମସଂଙ୍କୀର୍ତ୍ତନ ମଧ୍ୟରେ ମନ୍ଦିର ପୂଜକ ମାନଙ୍କ ଦ୍ୱାରା ମହାଦୀପ ଉଠାଯାଇଥିଲା । ସମସ୍ତ ମନ୍ଦିର ମାନଙ୍କରେ ଅଧିମିଶ୍ର ଭଜନ, ନାଚ, ଗୀତ ଏବଂ ନାଟକ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଶଣ କରାଯାଇଥିଲା ।

ନିମାପଡ଼ାରେ ବିଜେଡ଼ିର ଚାଷୀ ଆନ୍ଦୋଳନ, ଧାନ କିଣାରେ ଅନିୟମିତତା ଅଭିଯୋଗ

ପୁରୀ, ୧୭/୦୨ (ଆ.ପ୍ର) : ରାଜ୍ୟରେ ଚାଷୀମାନଙ୍କର ଦୁର୍ଦ୍ଦଶା ଏବଂ ଧାନ କ୍ରୟ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗକୁ ନେଇ ବିରୋଧୀ ବିଜୁ ଜନତା ଦଳ (ବିଜେଡ଼ି) ରାଜ୍ୟବ୍ୟାପୀ ଆନ୍ଦୋଳନର ଶେଷ ଦିନରେ ପୁରୀ ଜିଲ୍ଲାର ନିମାପଡ଼ାରେ ଏକ ଜିଲ୍ଲାସ୍ତରୀୟ ଚାଷୀ ସମାବେଶ ଏବଂ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜନ କରିଛି । ଫେବୃଆରୀ ୨ରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ବେଳେ ଆଜିର କାର୍ଯ୍ୟକ୍ରମରେ ବିଜେଡ଼ି ନେତାମାନେ ବିଜେପି ସରକାରରୁ ଚାଷୀମାନଙ୍କର ସମସ୍ୟା ସମାଧାନରେ ବିଫଳତା ଅଭିଯୋଗରେ ଗର୍ଜେଟ୍ କରିଛନ୍ତି । ଏହି ଆନ୍ଦୋଳନ ଫେବୃଆରୀ ୨ ୪ରେ ଭୁବନେଶ୍ୱରରେ ଏକ ବିଶାଳ ରାଲିରେ ସମାପ୍ତ ହେବ ବୋଲି ଘୋଷଣା କରାଯାଇଛି । ବିଜେଡ଼ିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଂଜୟ ଦାସବର୍ମା ଏବଂ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ପରାମର୍ଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ନେତା, ଜିଲ୍ଲା ସଭାପତି ଭମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ, ବିଧାୟକ ତୁଷାରକାନ୍ତି ବେହେରା, ସୁନୀଲ ମହାନ୍ତି, ପୂର୍ବତନ ବିଧାୟକ ରୁଦ୍ରପ୍ରସାଦ ମହାରଥୀଙ୍କ ସମେତ ଅନେକ ପୂର୍ବତନ ନେତାମାନେ ଯୋଗ ଦେଇଥିଲେ । ସ୍ଥାନୀୟ ସ୍ତରରେ ନେତୃତ୍ୱ ନେବାକୁ ଅସ୍ତରଙ୍କରୁ ଜଣେ ନେତାଙ୍କୁ ଆମନ୍ତ୍ରଣ କରାଯାଇଥିବା ବେଳେ ମହିଳା ନେତୃତ୍ୱରେ ଦିବଂରାତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀମାନେ ଧାନ କ୍ରୟରେ ଅନିୟମିତତା, ବିହାନ ବଂଟନରେ ହେରଫେର, ସାର ଅଭାବ ଏବଂ ରାଜ୍ୟରେ ବଢୁଥିବା ଅପରାଧ ପ୍ରବଣତାକୁ ନେଇ ସରକାରଙ୍କୁ କଟାଖ ଜରିଥିଲେ । ବିଜେଡ଼ି ନେତାମାନେ ଅଭିଯୋଗ କରିଛନ୍ତି ଯେ ବିଜେପି ସରକାର ଚାଷୀମାନଙ୍କୁ ପ୍ରତାରଣା କରିଛି ଏବଂ ମଣ୍ଡିଗୁଡ଼ିକରେ ଧାନ କ୍ରୟ ପ୍ରକ୍ରିୟା ସଠିକ୍ ଭାବେ ପରିଚାଳିତ ହୋଇନାହିଁ । ସମାବେଶରେ ଶତାଧିକ ଚାଷୀ ଏବଂ ବଳୟ କର୍ମୀ ଯୋଗ ଦେଇଥିଲେ । ଏହି ଆନ୍ଦୋଳନକୁ ନେଇ ବିଜେପିର ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ (ଲୁଲୁ) କଡ଼ା ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ ବିଜେଡ଼ିର ଏହି କାର୍ଯ୍ୟକ୍ରମ କେବଳ ରାଜନୈତିକ ଶକ୍ତି ପ୍ରଦର୍ଶନର ଏକ ପ୍ରୟାସ ଏବଂ ବଳର ନୀତି, ନିୟମ ଏବଂ ନେତୃତ୍ୱର ଅଭାବକୁ ପ୍ରତିଫଳିତ କରୁଛି । ସ୍ୱାଇଁଙ୍କ ବିବୃତିରେ କୁହାଯାଇଛି । 'ଆଜି ବିଜେଡ଼ିର ଏପରି ସ୍ଥିତି ଦେଖି ବଡ଼ ଦୟା ଲାଗୁଛି । ପୁରୀ ଜିଲ୍ଲାରୁ ହାରିଥିବା ନେତାମାନେ ବଳକାଲଙ୍କୁ ନେଇ ନିମାପଡ଼ାରେ ଜିଲ୍ଲାସ୍ତରୀୟ ଶକ୍ତି ପ୍ରଦର୍ଶନ କରିବାକୁ ଆସିଥିଲେ, କିନ୍ତୁ ବଳର ନୀତି, ନିୟମ ଏବଂ ନେତୃତ୍ୱର ଅଭାବ ଦେଖି ଦୟା ଲାଗୁଛି । ନିମାପଡ଼ାରେ ନିଜସ୍ୱ ବଳୀୟ ନେତା ନାହାନ୍ତି, ଜଣେ ଅସ୍ତରଙ୍କରୁ ଭଡ଼ା ସୂତ୍ରରେ ଆଣି ଦାୟିତ୍ୱ ଦିଆଯାଇଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟଙ୍କ ରହସ୍ୟଜନକ ମୃତ୍ୟୁରେ ମୁଖ୍ୟ ଅଭିଯୁକ୍ତା ତାଙ୍କ ଧର୍ମପତ୍ନୀଙ୍କୁ ମହିଳା ନେତୃତ୍ୱ ଦେବା ଅଧିକ କୌତୂହଳ ସୃଷ୍ଟି କରିଛି । ଜନତାଙ୍କ ରୟ ବିରୋଧରେ ଯାଇ ନେତୃତ୍ୱ ନିଷ୍ପତ୍ତି ନେବା ଦ୍ୱାରା ବିଜେଡ଼ି ନିଜ ଲୁଲୁକୁ ନ ସୁଧରି ଓଲଟା ଅଂଧାର ଦେଖାଉଛି । ୨୪ ବର୍ଷର ଶାସନ କାଳରେ ଚାଷୀମାନଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଚାଷୀମାନଙ୍କ ଉତ୍ପାଦିତ ଶସ୍ୟର ଅର୍ଥ ଶୋଷଣ କରିବାକୁ ବିଜିନ୍ସ ମଣ୍ଡିରେ ଷଡ଼ଯନ୍ତ୍ର ରଚି ବିଜେଡ଼ି କର୍ମୀମାନଙ୍କୁ ଥଇଥାନ କରି ନିଜ ପିଠି ନିଜେ ଥାପୁଡ଼ାଉଥିଲେ । ୨୦୨୪ ନିର୍ବାଚନରେ ଚାଷୀମାନେ ବିଜେପି ଉପରେ ଆସ୍ଥା ପ୍ରକଟ କରି ରାଜ୍ୟ ଚଳାଇବାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ବିଜେପିର ମୋହନ ମାଝୀ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ଧାନ କ୍ୱିଂଟାଲ ପିଛା ୩।୧୦୦ ଟଙ୍କା କରିବା ସହ ସିଏମ୍ କିସାନ୍, ପିଏମ୍ କିସାନ୍‌ରେ ବାର୍ଷିକ ୧୦,୦୦୦ ଟଙ୍କା ଦେବା ସହ ତାଙ୍କ ପିଲାମାନଙ୍କ ଉଚ୍ଚ ଶିକ୍ଷା ପାଇଁ ୨ ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା କରିଛନ୍ତି । ସାର ଏବଂ ବିହନରେ ରିହାତି ସହ ଉତମ ଜ୍ଞାନ କୌଶଳ ଅବଲମ୍ବନ ପାଇଁ ପୃଥୁର ବ୍ୟବସ୍ଥା ସହ ଲାଭ୍ୟୁ ଆଡିସନ୍ ଦ୍ୱାରା ଚାଷୀମାନେ ତାଙ୍କ ଉତ୍ପାଦିତ ଶସ୍ୟର ସଠିକ୍ ବଜାରିକରଣ ପାଇଁ ଶତତ ଭଣ୍ଡାର, ୧୮୭ ମଣ୍ଡିରେ ନିଜସ୍ୱ ଗୃହ, ଧାନ ରଖିବା ସେଡ଼, ପିଇବା ପାଣି, ଶୌଚାଳୟ, ବିଶ୍ରାମ ଗୃହ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଛି । ଏହା ଦେଖି ବିଜେଡ଼ି ବିଚଳିତ ହୋଇଛି । ମୋହନ ସରକାର ଏବେ ଜନସେବନ ଦ୍ୱାରା ବିଜୁଳେ ପାଣି ପଂଚାଇବା, ଗରୁ ଅନୁଯାୟୀ ଚାଷ କରାଇବା ପ୍ରଣାଳୀ, ଜମିଧନ୍ଦ ଯୋଜନା ସହ ଉତମ ଯନ୍ତ୍ରପାତି ଜ୍ଞାନ କୌଶଳ ଉପଲବ୍ଧ କରାଇବା ସହ ଉତ୍ପାଦିତ ଶସ୍ୟର ଉତମ ବଜାରିକରଣ ପାଇଁ ମଡେଲ୍ ମଣ୍ଡି ନିର୍ମାଣ ପାଇଁ ଖରଡ଼ା ପ୍ରସ୍ତୁତ ସାରିଛନ୍ତି । ବିଗତ ନୂଆପଡ଼ା ଉପନିର୍ବାଚନରେ ଯେପରି ଚାଷୀ ଭାଇଭଉଣୀମାନେ ମୋହନ ସରକାରଙ୍କ ପ୍ରତି ଆସ୍ଥା ପ୍ରକଟାଇ କରିଥିଲେ, ସେଥିରେ ଲଜ୍ଜାରେ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ମୁହଁ ଦେଖାଇବାକୁ ସାହସ ଯୁଗେଇ ପାରିନାହାନ୍ତି । ଏବେ ଆସନ୍ତୁ ଫଗୟାନ ନିର୍ବାଚନ ଦେଖି ଅସାମାଜିକ ତତ୍ତ୍ୱମାନଙ୍କୁ ଏକାଠି କରିବାକୁ ଭେଳିକି ଦେଖାଉଛନ୍ତି । ଏହା ସ୍ୱାରତଯୋଗ୍ୟ କାରଣ ସମାଜରେ ଥିବା ସମସ୍ତ ଅସାମାଜିକ ଗୋଟିଏ ପୋଖରୀରେ ରହିଲେ ଆମକୁ ସୁବିଧା ହେବ । ବିଜେପିର ପଦୁ ଗାଁଗୀରେ ଥିବା ପୋଖରୀରେ ପୁଟିବ, ବିରୋଧୀମାନେ ଫାଟିବେ – ଏଥିରେ ଆମର ତିଳେ ମାତ୍ର ସନ୍ଦେହ ନାହିଁ ।' ଏହି ରାଜନୈତିକ ପ୍ରତିକ୍ରିୟା ସହ ଆସନ୍ତୁ ଫଗୟାନ ନିର୍ବାଚନରେ ଚାଷୀ ସମସ୍ୟା ଏକ ପ୍ରମୁଖ ମୁଦ୍ଦା ହେବ ବୋଲି ଆକଳନ କରାଯାଉଛି । ଉଭୟ ଦଳ ଚାଷୀମାନଙ୍କ ସମର୍ଥନ ପାଇବାକୁ ପ୍ରୟାସ କରୁଥିବା ବେଳେ ସରକାର ପକ୍ଷରୁ ଚାଷୀ କଲ୍ୟାଣ ଯୋଜନାଗୁଡ଼ିକର ସଫଳତାକୁ ହାଇଲାଇଟ୍ କରାଯାଉଛି ।

ଯାଜପୁର ସହର ରେପୋଲିସ ପେଟ୍ରୋଲିଙ୍ଗ୍ କଡାକଡି



ଯାଜପୁର, ୧୭/୦୨ (ଆ.ପ୍ର) : ଯାଜପୁର ଟାଉନ୍ ଅଧିକାରୀ ଭାବେ ନିଯୁକ୍ତ ନାୟକ । ଜଣେ ଦକ୍ଷ ଯୋଗଦାନ କରିବା ଦିନ ଠାରୁ ସହର ମଧ୍ୟରେ ନ

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୧୮ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ସୁପର-୮ରେ ଏଂଟ୍ରି ମାରି ଇତିହାସ ରଚିଲା ଜିମ୍ବାୱେ

ନୂଆଦିଲ୍ଲୀ, ୧୭/୨(ନ୍ୟୁ.ଏ): ସିକନ୍ଦର ରଜାଙ୍କ ପରିଚାଳନାରେ ଜିମ୍ବାୱେ ଟିମ୍ ଟି-୨୦ ବିଶ୍ୱକପ୍ ୨୦୨୬ରେ ଐତିହାସିକ ଉପଲବ୍ଧି ହାସଲ କରିଛି । ଜିମ୍ବାୱେ ଦୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ସୁପର-୮ ରାଉଣ୍ଡରେ ସ୍ଥାନ ପକ୍କା କରି ନେଇଛି । ଜିମ୍ବାୱେ ପଲ୍କେଲେକେରେ ଆୟରଲ୍ୟାଣ୍ଡ ମ୍ୟାଚ୍ ବାତିଲ ହେବା ପରେ ଆଗାମୀ ରାଉଣ୍ଡର ଟିକେଟ କାଟି ଥିଲା । ମଙ୍ଗଳବାର ଜିମ୍ବାୱେ ବନାମ ଆୟରଲ୍ୟାଣ୍ଡ ଗ୍ରୁପ୍-ବି ମ୍ୟାଚ୍‌ରେ ବର୍ଷା କାରଣରୁ ଟସ୍ ବି ହୋଇ ପାରି ନାହିଁ । ମ୍ୟାଚ୍ ବାତିଲ ହେବା କାରଣରୁ ଦୁଇ ଟିମ୍‌କୁ ୧-୧ ପଏଂଟ୍ ବାଂଟିବାକୁ ପଡ଼ିଥିଲା । ଜିମ୍ବାୱେ ଗ୍ରୁପ୍ –ବିରୁ ଆଗାମୀ ପର୍ଯ୍ୟାୟକୁ ପହଂଚିବାରେ ଦ୍ୱିତୀୟ ଟିମ୍ ହୋ ପାରିଛି । ତାର ଆକାଉଣ୍ଟରେ ତିନୋଟି ମ୍ୟାଚ୍‌ରେ ପାଂଚ ପଏଂଟ ରହିଛି । ଗ୍ରୁପ୍-ବିରୁ ସହ-ପ୍ରାୟୋଜକ ଶ୍ରୀଲଙ୍କା ତିନୋଟି ମ୍ୟାଚ୍‌ରେ ୬ ପଏଂଟ ସହ ପ୍ରଥମେ ସୁପର-୮ ରେ ପହଂଚି ସାରିଛି । ଆୟରଲ୍ୟାଣ୍ଡ (୪ ମ୍ୟାଚ୍‌ରେ ୩ ପଏଂଟ) ସହ ଅଷ୍ଟ୍ରେଲିଆ (ତିନି ମ୍ୟାଚ୍‌ରେ ୨ ପଏଂଟ)ର ମଧ୍ୟ ସୁପର-୮ ରାଉଣ୍ଡର ଆଶା ମଗଣି ଯାଇଛି । ଅଷ୍ଟ୍ରେଲିଆ ୧୭ ବର୍ଷ ପରେ ଦୁର୍ଣ୍ଣାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟରୁ ବାହାର ହୋଇ ଯାଇଛି । ଅଷ୍ଟ୍ରେଲିଆର ଏହା ପୂର୍ବରୁ ୨୦୦୯ ଟି-୨୦ ବିଶ୍ୱକପ୍‌ରେ ଗ୍ରୁପ୍ ଷ୍ଟେଜ୍‌ରୁ ଆଉଟ୍ ହୋଇ ଯାଇଥିଲା । ୨୦୨୧ରେ ଟି-୨୦ ବିଶ୍ୱକପ୍ ବିଜେତା ଅଷ୍ଟ୍ରେଲିଆର ଆଗାମୀ ପର୍ଯ୍ୟାୟର ଆଶା ଆୟରଲ୍ୟାଣ୍ଡର ବିଜୟ ଲଘରେ ଟିକି ରହିଥିଲା, କିନ୍ତୁ ଲାଭ୍ୟ ସାହାଯ୍ୟ କଲା ନାହିଁ । ଅଷ୍ଟ୍ରେଲିଆକୁ ନିଜର ବୁଢୁଟି ମ୍ୟାଚ୍‌ରେ ପରାଜୟର ସାମ୍ନା କରିବାକୁ ପଡ଼ିଲା । ଶ୍ରୀଲଙ୍କା କଙ୍ଗାରୁ ଟିମ୍‌କୁ ଆଠ ଉିକେଟ୍‌ରେ ହରାଇ ଥିଲା । ସେପରିକି, ଜିମ୍ବାୱେ ଅଷ୍ଟ୍ରେଲିଆକୁ ୨୩ ରନ୍‌ରେ ହରାଇ ବଡ଼ ଓଲଟପାଲଟ କରିଦେଲା । ଅଷ୍ଟ୍ରେଲିଆକୁ ଏବେସୁଦ୍ଧା ରୋଟିଏ ମାତ୍ର ବିଜୟ ଆୟରଲ୍ୟାଣ୍ଡ ବିପକ୍ଷରେ ମିଳିଛି । ଅଷ୍ଟ୍ରେଲିଆକୁ ନିଜର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଓମାନ (୨୦ ଫେବୁଆରୀ)ସହ ସମ୍ମୁଖୀନ ହେବ । ଆହତ ସମମ୍ୟା ଦେଇ ଗତି କରୁଥିବା ଅଷ୍ଟ୍ରେଲିଆର ଟିମ୍ ଏହି ଦୁର୍ଣ୍ଣାମେଣ୍ଟରେ ଦୁର୍ବଳ ନଜର ଆସିଛି । ଫ୍ୟାଟ୍ କମିନ୍ସ ଓ ଜୋଶ୍ ହେଜେଲୱୁଡ ଖେଳି ନାହାନ୍ତି । ଅନ୍ୟପଟେ, ଜିମ୍ବାୱେର ଦୁର୍ଣ୍ଣାମେଣ୍ଟରେ ଏବେସୁଦ୍ଧା ପ୍ରତିରକ୍ଷ ଆକର୍ଷଣୀୟ ରହିଛି । ଏହାର ତିନୋଟି ଦୁତ ବୋଲର ରିଚର୍ଡ ନଗାରବ୍ଲା , ବ୍ରେସିଙ୍ଗ ମୁଜରବାନି ଓ ବ୍ରେଡ୍ ଇଭାନ୍ସ କଲମ୍ବୋରେ ଖେଳାଯାଇ ଥିବା ନିଜର ପ୍ରଥମେ ମ୍ୟାଚ୍‌ରେ ୩-୩ଟି ଉିକେଟ୍ ନେଇ ଓମାନକୁ କେବଳ ୧୦୩ ରନ୍‌ରେ ଆଉଟ୍ କରିଦେଇ ଥିଲେ ।

ରଣଜୀ ଟ୍ରଫି ସେମି ଫାଇନାଲ; ମହମ୍ମଦ ସାମିଙ୍କୁ ୫ ସଫଳତା, ଜମ୍ମୁ ୨୨୨/୭

ନୂଆଦିଲ୍ଲୀ, ୧୭/୨(ନ୍ୟୁ.ଏ): ଚଳିତ ରଣଜୀଟ୍ରଫିରେ ସେମିରେ ବେଙ୍ଗଲରେ ମହମ୍ମଦ ସାମି ଝଡ଼ ଦେଖିବାକୁ ମିଳିଛି । ଜମ୍ମୁ-କାଶ୍ମୀର ବିପକ୍ଷରେ ସାମିଙ୍କୁ ୫ ସଫଳତା ମିଳିଛି । ଜମ୍ମୁ-କାଶ୍ମୀର ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟରେ ସମ୍ମୁଖୀନ ହୋଇଛି । ପ୍ରଥମ ଦିନ ସାମି ଦୁଇ ଓପନରଙ୍କୁ ପାଭିଲିୟନ ପଠାଇଥିବା ବେଳେ ଦ୍ୱିତୀୟ ଦିନ ୩ ସଫଳତା ହାସଲ କରିଛନ୍ତି । ବେଙ୍ଗଲ ଅସମାପ୍ତ ପ୍ରଥମ ଇନିଂସ୍ ୫/୨୪୯ରୁ ବ୍ୟାଟିଂ ଆରମ୍ଭ କରି ୩୨୮ରନ୍‌ରେ ସମ୍ପନ୍ନ କରିଥିଲା । ଗୁରୁତ୍ୱ କୁମାର ଗରାମି ୧୪୬ ଓ ସୁମନ୍ତ ଗୁପ୍ତା ୩୯ ରନ୍ କରିଥିଲେ । ଜମ୍ମୁକାଶ୍ମୀର ପେସ୍ ବୋଲର ଆଜିତ ନବି ୫ଟି ଓ ସୁମିଲ କୁମାର ୩ଟି ଉିକେଟ୍ ଅକ୍ଟିଆର କରିଥିଲେ । ଜମ୍ମୁ-କାଶ୍ମୀର ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟରେ ସମ୍ମୁଖୀନ ହୋଇଥିଲା । ୧୩ରନ୍ ମଧ୍ୟରେ ଦଳ ୩ଟି ଉିକେଟ୍ ହରାଇଥିଲା । ବେଙ୍ଗଲ ପେସ୍ ବୋଲର ମହମ୍ମଦ ସାମି ଦୁଇ ଓପନର ଶୁଭମ ଖଜୁରିଆ (୩) ଓ ୟାଷ୍ଟିର ହାସାନଙ୍କୁ (୨) ଆଉଟ୍ କରିଥିବାବେଳେ ମୁକେଶ କୁମାର ଅଭିଜିତ ଶୁଭମ ପୁଣ୍ଡିରଙ୍କୁ (୮) ପାଭିଲିୟନ ପଠାଇଥିଲେ । ମଧ୍ୟଭାଗରେ ପାରସ ଡୋଗ୍ରା ଓ ଅବଦୁଲ ସମଦ ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ସ୍ଥିତି ସୁଧାରିଥିଲେ । ଦଳୀୟ ସ୍କୋର ୨୫୬ରେ ବ୍ୟକ୍ତିଗତ ୮୨ରନ୍ କରି ଆଉଟ୍ ହୋଇଥିଲେ ସମଦ । ପରେ ପରେ ଡୋଗ୍ରା ମଧ୍ୟ ୫୮ରନ୍ କରି ବିଦାୟ ନେଇଥିଲେ । ଜହ୍ନେୟା (୧୦) ଓ ଅର୍ଦ୍ଦିବ ମୁସ୍ତାକ (୨୬) ଷଷ୍ଠ ପର୍ଯ୍ୟନ୍ତ ଅପରାଜିତ ରହି ସ୍କୋର ୫/୧୯୮ରେ ପହଂଚାଇ ଥିଲେ । ବେଙ୍ଗଲର ମହମ୍ମଦ ସାମିଙ୍କ ୫ ସଫଳତା ପରେ ବର୍ତ୍ତମାନ ଜମ୍ମୁକାଶ୍ମୀର ସ୍କୋର ୨୨୨ ରନ୍‌ରେ ପହଂଚିଛି । ୭ ଉିକେଟ ହରାଇ ସାରିଛି ଦଳ ।

ଭାରତରେ ହେବ ବିଗ୍ ବାସ୍ ଲିଗ୍ !

ଚେନ୍ନାଇ, ୧୭/୨(ନ୍ୟୁ.ଏ): ଅଷ୍ଟ୍ରେଲିଆର ପ୍ରସିଦ୍ଧ ଟ୍ୱେଂଟି-୨୦ ଲିଗ୍ ବିଗ୍ ବାସ୍ ଲିଗ୍‌ର ଆଗାମୀ ସିଜନ୍ ଭାରତରେ ଆୟୋଜିତ ହୋଇପାରେ । ଏ ନେଇ ଅଷ୍ଟ୍ରେଲୀୟ କ୍ରିକେଟ୍ ବୋର୍ଡ 'କ୍ରିକେଟ୍ ଅଷ୍ଟ୍ରେଲିଆ' ଯୋଜନା କରୁଛି । ଏଥିଲାଗି ନିକଟରେ ବୋର୍ଡର ଦୁଇ ଜଣ ବରିଷ୍ଠ ଅଧିକାରୀ ଭାରତ ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ଦୁଇ ଅଧିକାରୀ ହେଲେ ବୋର୍ଡର ବ୍ୟବସାୟ ପରିଚାଳନା ମୁଖ୍ୟ ଫିଲ୍ ଜିସବୀ ଓ ପ୍ରତିଯୋଗିତା ବିଭାଗ ଓ ଉଣ୍ଣଦୌଷ୍ଟକ ମୁଖ୍ୟ ମାର୍ଗିଶ, ହାର୍ଲି । ମୁଖ୍ୟତଃ ଚେନ୍ନାଇରେ ଏହି ଲିଗ୍ ଆୟୋଜନ ଲାଗି ଯୋଜନା କରାଯାଉଛି । ଭାରତର ବିଶାଳ କ୍ରିକେଟ୍ ପ୍ରସଂଶକ ଗୋଷ୍ଠୀ ଓ ଏକ ବୃହତ୍ ବଜାର ସହ ଯୋଡ଼ି ହେବା ଲକ୍ଷ୍ୟରେ କ୍ରିକେଟ୍, ଅଷ୍ଟ୍ରେଲିଆ ଏହି ଯୋଜନା କରୁଥିବା ଜଣାଯାଇଛି । ତେବେ ବୃତ୍ତାନ୍ତ ନିଶ୍ଚିତି ବିସିସିଆଇର ସବୁଜ ସଂକେତ ଉପରେ ନିର୍ଭର କରିବ । ତାମିଲନାଡୁ କ୍ରିକେଟ୍ ସଂଘର ଜଣେ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ ଗତ ସପ୍ତାହରେ ଅଷ୍ଟ୍ରେଲୀୟ କ୍ରିକେଟ୍ ବୋର୍ଡ ଅଧିକାରୀମାନେ ଚେନ୍ନାଇ ଗସ୍ତ କରି ଆଲୋଚନା କରିଥିଲେ । କିନ୍ତୁ ଏହି ଆଲୋଚନା ବେଳେ ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ ବିସିସିଆଇର ସବୁଜ ସଂକେତ ପରେ ହିଁ ଏ ନେଇ କଥା ଆଗକୁ ବଢ଼ିପାରିବ । ଏଣୁ ବଲ୍ ଏବେ ବିସିସିଆଇ କୋର୍ଟରେ ରହିଛି ବୋଲି ସେ କହିଛନ୍ତି । ୨୦୧୧ରେ ଆରମ୍ଭ ହୋଇଥିବା ବିଗ୍ ବାସ୍ ଲିଗ୍‌ରେ ଏବେ ୮ଟି ଫ୍ରାଂଚାଇଜି ଅଛନ୍ତି । ସେଗୁଡ଼ିକ ମଧ୍ୟରୁ ସର୍ବାଧିକ ଛଅ ଥର ଚାମ୍ପିୟନ ହୋଇଛି ।

ସବୁ ଜିତି ସୁପର-୮ ଯିବା ଲକ୍ଷ୍ୟରେ ଭାରତ

ଅହମଦାବାଦ, ୧୭/୨(ନ୍ୟୁ.ଏ): ଚଳିତ ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ଆୟୋଜକ ଭାରତ ନିଜର ୩ ମ୍ୟାଚ୍‌ରୁ ୩ଟି ଯାକ ଜିତି ସୁପର-୮ ସ୍ଥାନ ନିଶ୍ଚିତ କରିଛି । ହେଲେ ଏହି ଦଳ ଏବେ ଗ୍ରୁପ୍-ଏ'ର ସମସ୍ତ ମ୍ୟାଚ୍ ଜିତି ସୁପର-୮ ଖେଳିବାର ଲକ୍ଷ୍ୟ ରଖିଛି । ତେଣୁ ବୁଧବାର ନେଦରଲାଣ୍ଡସ ବିପକ୍ଷ ଗ୍ରୁପ୍‌ର ଶେଷ ମ୍ୟାଚ୍‌ରେ ପୂରା ଶକ୍ତି ସହ ଓହ୍ଲାଇବ । କଲମ୍ବୋରେ ଗୋଇଠିଦ୍ୱନ୍ଦ୍ୱ ପାକିସ୍ତାନ ବିପକ୍ଷ ହାଇଭୋଲ୍‌ଟେଜ୍ ମ୍ୟାଚ୍ ଜିତି ଭାରତୀୟ ଖେଳାଳି ଅହମଦାବାଦରେ ସୋମବାର ପହଂଚି ଯାଇଛନ୍ତି । ବିପକ୍ଷରେ ଦୁର୍ବଳ ଦଳ ଥିବେ ମଙ୍ଗଳବାର ମୋଟେରା ଷ୍ଟାଡିୟମ୍‌ରେ ହାଲକା ଅଭ୍ୟାସ କରିଛନ୍ତି । ଗତ ୩ ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରିଥିଲେ ମଧ୍ୟ ୨୦୯ ରନ୍‌ରୁ ଅଧିକ ସ୍କୋର କରିନି । ନେଦରଲାଣ୍ଡସ ବିପକ୍ଷରେ ବଡ଼ ସ୍କୋର କରିବାକୁ ଚେଷ୍ଟା କରିବ ଭାରତ । ଅହମଦାବାଦ ପିଚ୍ ବି ସହାୟତା ଦେବା ସମ୍ଭାବନା ରହିଛି । ଏଠାରେ ଖେଳାଯାଇଥିବା ଗତ ୫ ମ୍ୟାଚ୍‌ରୁ ୪ ଥର ସ୍କୋର ୨୧୦ ଉପରେ ରହିଛି । ଭାରତର ଯୁବ ବିଓ୍ୱାକେଟ ବ୍ୟାଟର ଅଭିଷେକ ଶର୍ମା ୨ ମ୍ୟାଚ୍ ଖେଳିଥିଲେ ମଧ୍ୟ ଖାତା ଖୋଲିପାରି ନାହାନ୍ତି । ଏହି ମ୍ୟାଚ୍‌ରେ ରନ୍ କରି ସୁପର-୮ ପୂର୍ବରୁ ନିଜ ଆତ୍ମବିଶ୍ୱାସ ଜାଗରେ ରଖିବା ଆଶାରେ ଅଛନ୍ତି ସେ । ଅଭିଷେକଙ୍କ ସହ ଶାଶ୍ୱତ ଚିଶାନଙ୍କ ବ୍ୟାଟ୍ ପୂର୍ବପରି ଚାଲିବ ତେବେ ଭାରତ ନିଶ୍ଚିତ ବଡ଼ ସ୍କୋର କରିପାରିବ । ଗତ ମ୍ୟାଚ୍‌ରେ ଖେଳିଥିବା ଏକାଦଶରୁ ଭାରତ କେବଳ ଜୁଭେନ୍ଦ୍ରା ଯାଦବଙ୍କୁ ବାଦ୍ ଦେଇ ଅର୍ଶଦୀପ ସିଂହଙ୍କୁ ସାମିଲ କରିପାରେ । ଡାଇନାମିକ ବୋଲିଂ ଯଶସ୍ପ୍ରୀତ ବୁମ୍ରାଙ୍କୁ ବିଶ୍ରାମ ଦେବେନି ବୋଲି ବ୍ୟାଟିଂ ପ୍ରଶିକ୍ଷକ ସିତାଂଶୁ କୋଟାକ୍ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ନେଦରଲାଣ୍ଡସ ଏହି ବିଶ୍ୱକପ୍‌ରେ କେବଳ ନାମିବିଆ ବିପକ୍ଷରେ ବିଜୟ ପାଇଛି । ତେବେ ଭାରତ ବିପକ୍ଷରେ ବଳ କିଛି ଓଲଟପାଲଟ କରିବା ଆଶାରେ ରହିଛି । ଭାରତୀୟ ସମ୍ଭାବ୍ୟ ଏକାଦଶ: ଅଭିଷେକ ଶର୍ମା, ଈଶାନ କିଶନ (ଉିକେଟ୍‌ରକ୍ଷକ), ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂହ, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ଯଶପ୍ରୀତ ବୁମ୍ରା, ବରୁଣ ଚକ୍ରବର୍ତୀ । ନେଦରଲାଣ୍ଡସ୍ ସମ୍ଭାବ୍ୟ ଏକାଦଶ: ମାକ୍ସେଲ ଲେଖିଟ, ମାୟର ଓ'ଡଉ, ବାସ୍ ଡି'ଲିଡ, କଲିନ ଆକରମାନ, ଷ୍ଟଟ୍ ଏଡୱାର୍ଡ (ଅଧିନାୟକ, ଉିକେଟ୍‌ରକ୍ଷକ), ଜାନ୍ ଲାୟନ-ଜାଣ୍ଟେନ୍, ଲଗାନ ଭାନ୍ ବିକ, ଅର୍ଯ୍ୟନ ଦତ, ରୋଲଫ୍ ଭାନ୍ ଡର ମର୍ଭେ, କାଲେବ ଫ୍ଲେମ୍‌ଫ୍ରେଡ୍ କୁର୍ସେ, ପଲ୍ ଭାନ୍ ମିଜେରେନ୍ ।

ସ୍ଥାନ ବଜାୟ ରଖିଲେ ଅମନଦୀପ, ଅମିତ, ଶିଳାନନ୍ଦ

ଭୁବନେଶ୍ୱର, ୧୭/୨(ନ୍ୟୁ.ଏ): ଏଫଆଇଏଚ୍ ପ୍ରୋ ଲିଗ୍‌ର ରାଉରକେଲା ପର୍ଯ୍ୟାୟରେ ଖେଳିଥିବା ତାରିଟି ଯାକ ମ୍ୟାଚ୍ ହାରି ଲଜ୍ଜିତ ହୋଇଥିବା ଭାରତୀୟ ହକି ସମ୍ମୁଖରେ ଆଉ ଏକ ମହାବଡ଼ ଆହ୍ୱାନ ଉପସ୍ଥିତ ହୋଇଛି । ଭାରତୀୟ ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାର ଅଷ୍ଟ୍ରେଲୀୟ ଲେଗ୍‌ରେ ଆୟୋଜକ ତଥା ଶକ୍ତିଶାଳୀ ଅଷ୍ଟ୍ରେଲିଆ ସହ ୟୁରୋପୀୟ ଶକ୍ତି ସ୍ପେନ୍‌ର ମୁକାବିଲା କରିବାକୁ ଯାଉଛି । ଏହି ଲେଗ୍ ଚଳିତ ମାସ ୨୦ରୁ ୨୫ ତାରିଖ ଯାଏଁ ଅଷ୍ଟ୍ରେଲିଆର ରୋକଟସ୍ଥିତ ଡାସମାନିଆ ହକି ସ୍ପୋର୍ଟପାର୍କରେ ଖେଳାଯିବ । ଏଥିଲାଗି ହକି ଇଣ୍ଡିଆ ମଙ୍ଗଳବାର ୨୪ଜଣିଆ ଭାରତୀୟ ଦଳ ଘୋଷଣା କରିଛି । ଘୋଷିତ ଦଳରେ ଓଡ଼ିଶାର ତିନି ତାରକା ଅମିତ ରୋହିଦାସ, ଅମନଦୀପ ଲାକ୍ରା ଓ ଶିଳାନନ୍ଦ ସ୍ଥାନ ବଜାୟ ରଖିଛନ୍ତି । ହେଲେ ରାଉରକେଲାରେ ଅନୁଷ୍ଠିତ ପ୍ରଦର୍ଶନୀ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିବା ରୋଶନ କୁଜୁର ଓ ରୋଶନଲାଗ ଖେଳାଳି ନାମକ ସଂଗ୍ରାମ ଖେସ୍ ବାଦ୍ ପଡ଼ିଛନ୍ତି । ଅନ୍ୟଏକ ଉନ୍ମେଷଣୀୟ ଘଟଣାକ୍ରମେ ନିୟମିତ ଅଧିନାୟକ ହରମନପ୍ରୀତ୍ ସିଂହ ବ୍ୟକ୍ତିଗତ କାରଣ ଦର୍ଶାଇ ଏହି ଗସ୍ତରୁ ଓହରି ଯାଇଛନ୍ତି । ଫଳରେ ଦୁଇ ଥର ଅଲିମ୍ପିକ ପଦକ ବିଜେତା ହାର୍ଦ୍ଦିକ ସିଂହ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ସଜ୍ଜିତ ଭାରତୀୟ ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି । ହାର୍ଦ୍ଦିକ ୨୦୨୦ ଟୋକିଓ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକରେ ଜାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଅଛେ । ଏହି ଶୃଙ୍ଖଳାରୁ ଭାରତୀୟ ଦଳ ଚଳିବାବର୍ଷ ଶେଷ ଆଡ଼କୁ ଖେଳାଯିବାକୁ ଥିବା ଏସୀୟ କ୍ରୀଡ଼ା ଓ ପୁରୁଷ ହକି ବିଶ୍ୱକପ୍ ଲାଗି ପ୍ରସ୍ତୁତି ଆରମ୍ଭ କରିବ ବୋଲି କହିଛି ହକି ଇଣ୍ଡିଆ । ୪ବର୍ଷର ବ୍ୟବଧାନ ପରେ ଅଗ୍ରଣୀ ଖେଳାଳି ମନୀଷର ସିଂହ ମଧ୍ୟ ଜାତୀୟ ଦଳକୁ ଫେରିଛନ୍ତି । ଶେଷ ଥର ଲାଗି ସେ ୨୦୨ ଦିନରୋ ଏସିଆ କପ୍‌ରେ ୬ଟି ମ୍ୟାଚ୍ ଖେଳିଥିଲେ । ଦଳ ଘୋଷଣା ପରେ ମୁଖ୍ୟ ପ୍ରଶିକ୍ଷକ ଜେଭ୍ ଫୁଲଟନ୍ କହିଛନ୍ତି, ରାଉରକେଲା ପର୍ଯ୍ୟାୟର ଫଳାଫଳକୁ ନେଇ ଆମେ ଅତ୍ୟନ୍ତ ମର୍ମାହତ । ସେଠାରେ ଫଳାଫଳ ଆମ ସପକ୍ଷରେ ଗଲାନି । ଜୋକର୍ଟରେ ଆମେ ରାଉରକେଲାରେ କରିଥିବା ତ୍ରୁଟି ଓ ବିଚ୍ୟୁତିକୁ ଦୂର କରିବାକୁ ଲକ୍ଷ୍ୟ ରଖିଛୁ । ଭାରତୀୟ ଦଳ: ଗୋଲ୍‌ରକ୍ଷକ-ସୂରଜ କେର୍କେରା, ମୋହିତ ହନେମନହାଲି ଶିଶିକୁମାର । ରକ୍ଷଣଭାଗ- ଅମିତ ରୋହିଦାସ, ଜର୍ମନପ୍ରୀତ୍ ସିଂହ, ଯୁଗରାଜ ସିଂହ, ସଂଜୟ, ସୁମିତ, ଅମନଦୀପ ଲାକ୍ରା, ଯଶଦୀପ୍ ସିଓ୍ୱାଚ, ପ୍ରଭାକ୍ରା ବମ୍ବୁର ବବି । ମଧ୍ୟଭାଗ- ରାଜାନ୍ଦର ସିଂହ, ମନମୀତ ସିଂହ, ବିରେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂହ (ଅଧିନାୟକ), ମୋହରାଙ୍ଗଥେମ ରବିନ୍ଦ୍ର ସିଂହ, ବିଷ୍ଣୁକାନ୍ତ ସିଂହ, ରାଜ କୁମାର ପାଲ । ଅଗ୍ରଭାଗ- ଅଭିଷେକ, ଶିଳାନନ୍ଦ ଲାକ୍ରା, ମନଦୀପ ସିଂହ, ଅରାଇଜିତ ସିଂହ ହୁଣ୍ଡାଲ, ଆଦିତ୍ୟ ଅର୍ଜୁନ ଲଲାଗେ, ଅଙ୍କଦବୀର ସିଂହ, ମହାବୀର ସିଂହ ।

ଚାରିଧାମ ଯାତ୍ରା ପାଇଁ ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟାରେ ପରିବର୍ତନ, ଶୁଳ୍କ ଦେବେ ଶ୍ରଦ୍ଧାଳୁ

ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡରେ ଚାରିଧାମ ଯାତ୍ରା ପାଇଁ ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟାରେ ପରିବର୍ତନ କରାଯାଇଛି । ଅନଲାଇନ୍ ପଞ୍ଜୀକରଣ ପାଇଁ ଏବେ ଲୋକମାନଙ୍କୁ ଶୁଳ୍କ ଦେବାକୁ ପଡିବ । ଶୁଳ୍କ ବୃଦ୍ଧାନ୍ତ କରିବା ପାଇଁ ଗଢ଼ୱାଲ ଡିଭିଜନର ଅତିରିକ୍ତ କମିଶନରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି । ଅଧିକ ବିବରଣୀ ଦେବାକୁ ଯାଇ ଗଢ଼ୱାଲ କମିଶନର ବିନୟ ଶଙ୍କର ପାଣ୍ଡେ କହିଛନ୍ତି ଯେ, ଚାରିଧାମ ଯାତ୍ରା ପାଇଁ ଫର୍ଚ୍ଚା ରେଜିଷ୍ଟ୍ରେସନ୍ ଗୋଳକା ପାଇଁ ସର୍ବନିମ୍ନ ୧୦ ଟଙ୍କା ଶୁଳ୍କ ନିଆଯିବା ଉଚିତ୍ । ଉତ୍ତରାଖଣ୍ଡରେ ଅନେକ ବିଶ୍ୱ ପ୍ରସିଦ୍ଧ ମନ୍ଦିର ଥିବାରୁ ବର୍ଷସାରା ଲକ୍ଷମାନଙ୍କର ଭିଡ଼ ଜମିଥାଏ । ଚାରିଧାମ ଯାତ୍ରାରେ ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥକୁ ବୁଝାଏ । ଏହି ପ୍ରସିଦ୍ଧ ମନ୍ଦିରଗୁଡ଼ିକ ପ୍ରତିବର୍ଷରେ ୬ ମାସ ପାଇଁ ବନ୍ଦ ରହିଥାଏ । ଶ୍ରୀଷ୍ମ ଋତୁରେ ଖୋଲିଥାଏ ଏବଂ ଶୀତ ଋତୁରେ ଆରମ୍ଭ ହେବା ସହିତ ବନ୍ଦ ହୋଇଥାଏ । ଏହି ଯାତ୍ରା ଯମୁନୋତ୍ରୀରୁ ଆରମ୍ଭ ହୋଇ ଗଙ୍ଗୋତ୍ରୀ ପର୍ଯ୍ୟନ୍ତ ଚାଲିଥାଏ । କେଦାରନାଥ ହେଲା ଗତି କରିଥାଏ ଏବଂ ଶେଷରେ ବଦ୍ରିନାଥରେ ଶେଷ ହୋଇଥାଏ । ଏହି ଯାତ୍ରା ସଡ଼କ କିମ୍ବା ବିମାନ ଦ୍ୱାରା ଶେଷ ହୋଇପାରିବ । ଉତ୍ତରକାଶୀ ଜିଲ୍ଲାରେ ଗଙ୍ଗୋତ୍ରୀ ମଧ୍ୟ ଅବସ୍ଥିତ । ଯାହା ଦେବୀ ଗଙ୍ଗାଙ୍କ ଉଦ୍ଦେଶ୍ୟରେ ସମର୍ପିତ । ସମସ୍ତ ଭାରତୀୟ ନଦୀ ମଧ୍ୟରୁ ଏହା ପବିତ୍ର । ଗୁରୁପ୍ରୟାଗ ଜିଲ୍ଲାରେ କେଦାରନାଥ ଅବସ୍ଥିତ । ଯାହା ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ସମର୍ପିତ । ପବିତ୍ର ବଦ୍ରିନାରାୟଣ ମନ୍ଦିର ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ।

ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କୁ ଦିଲ୍ଲୀ ଆସିବାକୁ ପିଏମ୍ ମୋଦିଙ୍କ ନିମନ୍ତ୍ରଣ

ନୂଆଦିଲ୍ଲୀ, ୧୭/୨(ନ୍ୟୁ.ଏ): ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ତାରିକ୍ ରହମାନ । ଏହି ଅବସରରେ ଭାରତ ପକ୍ଷରୁ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା ଉପସ୍ଥିତ ଥିଲେ । ମଙ୍ଗଳବାର ନବ ନିର୍ବାଚିତ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କୁ ଭେଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ଅଭିନନ୍ଦନ ପତ୍ର ପ୍ରଦାନ କରିଛନ୍ତି । ଭାରତ ସରକାରଙ୍କ ପକ୍ଷରୁ ବୈଦେଶିକ ସଚିବ ବିକ୍ରମ ମିସ୍ରୀ ସହିତ ଓମ୍ ବିର୍ଲା ରହମାନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ । ଏହି ସମୟରେ ବିର୍ଲା ମାଳଦ୍ୱୀପର ରାଷ୍ଟ୍ରପତି, ଭୁଟାନର ପ୍ରଧାନମନ୍ତ୍ରୀ ଏବଂ ଅନ୍ୟାନ୍ୟ ନେତାଙ୍କ ସହ ମଧ